# ଆଦିତ୍ୟନନ୍ଦନ ଜଗତସିଂହପୁର ଜିଲ୍ଲା ବିଜେଡି ଯୁବ ସଭାପତି



**ଏରସମା, ୨।୬(ସମିସ):** ବିଜୁ ଜନତା ଦଳର ଯୁବ ନେତା ବାଲିକୁଦା ବ୍ଲକ ପୁଅ ଆଦିତ୍ୟ ନନ୍ଦନ ଦାସଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲା ବିଜୁଜନତାଦଳର ଯୁବ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ସେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦଳ ପକ୍ଷରୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିବେ। ଜଣେ ଦକ୍ଷ ଯୁବନେତା ଭାବେ ବିଜୁ ଜନତା ଦଳରେ ଦୀର୍ଘ ଦିନଧରି କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ତାଙ୍କୁ ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ଯୁବ ସଭାପତି ଭଳି ଏକ ଗୁରୁ ଦାୟିତ୍ୱ ଦିଆଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ରଘୁନନ୍ଦନ ଦାସ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବିଜୁଜନତା ଦଳର ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ପାଥେୟ କରି ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତୃମଣ୍ଡଳୀଙ୍କୁ ଏକାଠି କରି ଦଳୀୟ ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ପାଇଁ ସମସ୍ତ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଏସ୍‌ଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍; ଦିନକ ପରେ ଗଣତି

**ଜଗତସିଂହପୁର, ୨।୬(ସମିସ)**



- ୪ ତାରିଖ ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- ୬ କାଉଣ୍ଟିଂ ହଲ୍‌ର ୧୦୫ ଟେବୁଲରେ ହେବ ଗଣତି
- ସର୍ବାଧିକ ୨୩ ରାଉଣ୍ଡ ପର୍ଯ୍ୟନ୍ତ ହେବ ଗଣତି

ଜଗତ୍‌ସିଂହପୁର ଜିଲ୍ଲାରେ ଶନିବାର ଶାନ୍ତିଶୃଙ୍ଖଳାର ସହିତ ମତଦାନ ପରେ ଇଭିଏମ୍‌ଗୁଡ଼ିକୁ ଗତକାଲି ବିଳମ୍ବିତ ରାତି ସୁଦ୍ଧା ଜଗତସିଂହପୁର ଏସ୍‌ଭିଏମ (ସ୍ୱାମୀ ବିବେକାନନ୍ଦ ମେମୋରିଆଲ) କଲେଜରେ ପ୍ରସ୍ତୁତ ଷ୍ଟ୍ରଙ୍ଗ୍ ରୁମକୁ ନିଆଯିବା ସହିତ ସେଠାରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ଏହି ଇଭିଏମ ମେସିନ ଗୁଡ଼ିକୁ ଭୋଟ ଗଣିତି କେନ୍ଦ୍ରକୁ ଆସନ୍ତା ୪ ତାରିଖରେ ନିଆଯିବା ସହିତ ୬ କାଉଣ୍ଟିଂ ହଲର ୧୦୪ଟେବୁଲରେ ଭୋଟ ଗଣତି ହେବ ବୋଲି ସୂଚନା ମିଳିଛି।

ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା ଓ ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୮୫୪ଟି ସ୍ଥାନରେ ପ୍ରସ୍ତୁତ ୧୦୫୧ଟି ବୁଥରେ ରବିବାର ସକାଳେ ଏକକାଳୀନ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଗତକାଲି ବିଳମ୍ବିତ ସନ୍ଧ୍ୟାରେ ମତଦାନ ଶେଷ ହେବା ପରେ ଇଲୋକ୍ଟ୍ରୋନିକ୍ସ ଭୋଟିଂ ମେସନ (ଇଭିଏମ୍)ଗୁଡ଼ିକୁ ଗତକାଲି ବିଳମ୍ବିତ ରାତି ପ୍ରାୟ ୩ଟା ସୁଦ୍ଧା ଜଗତସିଂହପୁର ଏସ୍‌ଭିଏମ କଲେଜ ଷ୍ଟ୍ରଙ୍ଗ୍ ରୁମରେ ଜିମା ଦିଆଯାଇଥିଲା।

ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ବିଭିନ୍ନ ପ୍ରାର୍ଥୀଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟଙ୍କ ଉପସ୍ଥିତିରେ ଏହି ଷ୍ଟ୍ରଙ୍ଗ୍ ରୁମକୁ ସିଲ କରାଯାଇଥିଲା। ଏହି ଷ୍ଟ୍ରଙ୍ଗ୍ ରୁମ ଚାରିପାଖେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଏଠାରେ ଗତିବିଧି ଉପରେ ନଜର ରଖିବାକୁ କୋଠରୀ ଭିତରେ ଓ ବାହାରେ ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ଲଗାଯାଇଥିବା ସୂଚନା ମିଳିଛି। ଏହି କ୍ୟାମେରାକୁ ଦିଆଯାଇଥିବା ଫିଡ ଉପରେ ନଜର ରଖିବାକୁ ଅଲଗା କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଛି। ଷ୍ଟ୍ରଙ୍ଗରୁମ ବାହାରେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସୁରକ୍ଷାବଳ ମୁତୟନ କରାଯାଇଛି। ଏଠାରେ ପ୍ରଥମ ସ୍ତରରେ ସେଣ୍ଟ୍ରାଲ ରିଜର୍ଭ ଫୋର୍ସ, ଦ୍ୱିତୀୟସ୍ତରରେ ରାଜ୍ୟ ସୁରକ୍ଷା ବଳ ଓ ତୃତୀୟ ସ୍ତରରେ ଜିଲ୍ଲା ପୁଲିସ ମୁତୟନ କରାଯାଇଛି। ରାଜସ୍ୱ ପ୍ରଶାସନର ସହକାରୀ ନିର୍ବାଚନ ଅଧିକାରୀ ଓ ଅତିରିକ୍ତ ତହସିଲଦାର ଦିନକୁ ତନିଥର ଷ୍ଟ୍ରଙ୍ଗରୁମକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହକାରୀ ନିର୍ବାଚନ ରିଟର୍ଣ୍ଣି ଅଧିକାରୀ ଏହି ଷ୍ଟ୍ରଙ୍ଗରୁମର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ ବୋଲି ସୂଚନା ମିଳିଛି।

ଆସନ୍ତା ୪ ତାରିଖ ସକାଳେ ଏସ୍‌ଭିଏମ୍ କଲେଜରେ ପ୍ରସ୍ତୁତ ଭୋଟ ଗଣତି କେନ୍ଦ୍ରରେ ଭୋଟ ଗଣତି ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ଭୋଟ ଗଣନା ପାଇଁ ୬ଟି କାଉଣ୍ଟିଂ ହଲ ପ୍ରସ୍ତୁତ ହୋଇଛି। ଏଥିପାଇଁ ମୋଟ ୧୦୪ଟି ଟେବୁଲର ବ୍ୟବସ୍ଥା ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ୧୭/୧୮ ରାଉଣ୍ଡରୁ ଗଣତି ଆରମ୍ଭ ହୋଇ ସର୍ବାଧିକ ୨୩ ରାଉଣ୍ଡ ପର୍ଯ୍ୟନ୍ତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ଭୋଟ ଗଣତିରେ ସାମିଲ ହେଉଥିବା କାଉଣ୍ଟିଂ ସୁପରଭାଇଜର ଓ ମାଇକ୍ରୋ ଅବଜରଭରଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ସାହା କହିଛନ୍ତି।

# କାର୍ ଧକ୍କାରେ ବାଇକ୍ ଚାଳକ ମୃତ





**ଡେରାବିଶ, ୨।୬(ସମିସ):** ଡେରାବିଶ ଥାନା ଅନ୍ତର୍ଗତ ଚାନ୍ଦୋଳ-ଗୋଲରାହାଟ ଗ୍ରାମର କଳାପୋଲ ନିକଟରେ ଆଜି ରାତିରେ ବାଇକ୍ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ବାଲିଆ ପଞ୍ଚାୟତ ଦରବୋଲ ଗ୍ରାମର ଅରକ୍ଷୀତ ଯେନାଙ୍କ ପୁଅ ତପନ(୩୧)। ଗୁରୁତର ଭାବେ ଆହାତ ହୋଇ ଏହି ଗ୍ରାମର ଶୁକୁଟା ଜେନାଙ୍କ ପୁଅ ବୁଲା (୩୦) ଚିକିତ୍ସିତ ହେଉଛନ୍ତି।

ପ୍ରକାଶ ଯେ, ଆଜି ରାତିରେ ଉଭୟ ତପନ ଓ ବୁଲା ଚାନ୍ଦୋଳ ଗୋଲରାହାଟ ରାସ୍ତାରେ ଚାନ୍ଦୋଳ ପଟୁ ତାଙ୍କ ଗ୍ରାମ ଦରବୋଲକୁ ଏକ ବାଇକ୍ ଯୋଗେ ଫେରୁଥିଲେ। ଡେରାବିଶ ପଟୁ ଆସୁଥିବା ଏକ କାର ସହିତ କଳାପୋଲ ନିକଟରେ ତାଙ୍କ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲେ। ଉଭୟ ଗୁରୁତର ଭାବେ ସେଠାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକମାନେ ଅଗ୍ନିଶମବାହିନୀକୁ ଡକାଇ ଉଭୟଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ତପନଙ୍କର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି।

# ପୌରାଞ୍ଚଳରେ ଭୋଟହାର ୫୭%

**ପାରାଦୀପ, ୨।୬(ସମିସ):** ପାରାଦୀପ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ପାରାଦୀପ ପୌର ପରିଷଦର ଭୋଟର ହେବେ ପ୍ରାର୍ଥୀଙ୍କ ପାଇଁ ନିର୍ଣ୍ଣାୟକ। ପୌର ପରିଷଦ ଅଧିନରେ ଥିବା ୧୯ଟି ୱାର୍ଡରେ ରହିଛନ୍ତି ୪୩ ହଜାର ୭୯୯ ଭୋଟର। ସେମାନଙ୍କ ମଧ୍ୟରୁ ଚଳିତ ସାଧାରଣ ନିର୍ବାଚନରେ ୨୫, ୦୨୨ ମତଦାତା ମତ ସାବ୍ୟସ୍ତ କରିଛନ୍ତି। ତେବେ ଏହା ମୋଟ ଉପରେ ଶତକଡା ୫୭ ପ୍ରତିଶତ। କିଏ ବାଜିମାତ କରିବ ଆସନ୍ତା ଜୁନ ୪ ତାରିଖ ଭୋଟ ଗଣତି ପରେ ହିଁ ଜଣାପଡ଼ିବ। ତେବେ ପୌର ପରିଷଦ ଯାହାକୁ ଲିଡ୍ ଦେବ ସେହି ପ୍ରାର୍ଥୀ ହିଁ ବାଜିମାତ ମାରିବା ନେଇ ଏବେ ରାଜନୈତିକ ଆକଳନରୁ ହିଁ ଜଣାପଡ଼ିଛି।

# ସିଦ୍ଧ ବଳଦେବଜୀଉ ମନ୍ଦିର କମିଟି ଗଠନ ପାଇଁ ମିଳିଲା ଅନୁମତି



**ଜଗତସିଂହପୁର, ୨।୬(ସମିସ):** ଜିଲ୍ଲାର ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସୁପରିଚାଳନା ନିମନ୍ତେ ୧୧ଜଣିଆ କମିଟିକୁ ଦେବୋତ୍ତର ବିଭାଗ କମିଶନର ଅନୁମୋଦନ ପ୍ରଦାନ କରିଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ନୂତନ କର୍ମକର୍ତ୍ତା ଭାବେ ଜଗତ୍‌ସିଂହପୁର ଉପ ଜିଲ୍ଲାପାଳ ପ୍ରଦୀପ୍ତ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ, ଅଭୟ କୁମାର ଦାଶ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ସୁର ପ୍ରସାଦ ନାୟକ, ପ୍ରିୟନାଥ ରାୟ, ରାମ ଚନ୍ଦ୍ର ଦାଶ, ଜ୍ୟୋତି ରଞ୍ଜନ ପରିଡ଼ା, କାଳିକିଙ୍କର ଆର୍ଚାର୍ଯ୍ୟ ଓ ସାରଦା ଚରଣ ବେହେରାଙ୍କ ନାମକୁ ଅନୁମୋଦନ କରାଯିବାପରେ ଏହି କମିଟିର ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଛି।

ସୂଚନା ଯୋଗ୍ୟ, ଦେବୋତ୍ତର ବିଭାଗ ଦ୍ୱାରା ବଳଦେବଜୀଉ ମହାପ୍ରଭୁଙ୍କ ମନ୍ଦିର ସୁପରିଚାଳନା ନିମନ୍ତେ ୨୦୧୫ ମସିହାରେ ଅଞ୍ଚଳବାସୀଙ୍କ ପକ୍ଷରୁ କମିଟି ଗଠନ ପାଇଁ ଦେବୋତ୍ତର ବିଭାଗକୁ ଆବେଦନ କରାଯାଇଥିଲା। ସେହି ସମୟରେ ଦେବୋତ୍ତର ବିଭାଗ କମିଶନର ବଳଦେବଜୀଉ ମନ୍ଦିର ପରିଦର୍ଶନରେ ଆସିବା ପରେ ଏହି ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ଗଠନ ନିମନ୍ତେ ଅନୁମୋଦନ ପ୍ରଦାନ କରିଥିଲେ। ମାତ୍ର ଏହି ମନ୍ଦିର ପଣ୍ଡା ସେବକମାନଙ୍କ ବ୍ୟକ୍ତିଗତ ମାଲିକାନା ହୋଇଥିବାରୁ ଦେବୋତ୍ତର ବିଭାଗ ଉକ୍ତ ବ୍ୟକ୍ତିଗତ ମାଲିକାନା ଉପରେ କରୁଥିବା ହସ୍ତକ୍ଷେପକୁ ବିରୋଧ କରି ସେବକମାନେ ଉଚ୍ଚ ନ୍ୟାୟାଳୟରେ ଏକ ମୋକଦ୍ଦମା ରୁଜୁ କରିଥିଲେ। ପରବର୍ତ୍ତୀ ସମୟରେ ପଣ୍ଡାମାନଙ୍କ ତରଫରୁ ରୁଜୁ ହୋଇଥିବା ମୋକଦ୍ଦମା ଖାରଜ ହୋଇଥିଲା। ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ପୁନର୍ବାର ଦେବୋତ୍ତର ବିଭାଗକୁ ପକ୍ଷକରି ଉଚ୍ଚ ନ୍ୟାୟାଳୟରେ ପୁଣି ଏକ ମାମଲା ରୁଜୁ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଦେବୋତ୍ତର ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବା ପରେ ଦେବୋତ୍ତର ବିଭାଗ ଚିଠି କରି ନୂତନ ଭାବେ ୧୧ଜଣିଆ ପରିଚାଳନା ଟ୍ରଷ୍ଟ ବୋର୍ଡ ଗଠନ ନିମନ୍ତେ ଉପ ଜିଲ୍ଲାପାଳଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

# ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧୋତ୍ସବ ପାଳିତ

**ଜଗତସିଂହପୁର, ୨।୬(ସମିସ):** ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ୪୬ ତମ ଶ୍ରାଦ୍ଧୋତ୍ସବ ରବିବାର ସ୍ଥାନୀୟ ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ପ୍ରଜ୍ଞାପୁରୁଷ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କୁ ଜନ୍ମ ଦେଇ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିଜ୍ଞାନ ଓ ଶିକ୍ଷା କ୍ଷେତ୍ରରେ ଡକ୍ଟର ପରିଜାଙ୍କ ଅବଦାନ ଅତୁଳନୀୟ। ତେଣୁ ତାଙ୍କୁ ଆଧୁନିକ ଓଡ଼ିଶାର ଶିକ୍ଷା ଗୁରୁ ବୋଲି କୁହାଯାଏ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଅଂଶ ଗ୍ରହଣକରି ପରିଜା-ବ୍ଲାକମ୍ୟାନ ଥିଓରି ପାଇଁ ପରିଜା ସାହେବ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପତି, ବ୍ରହ୍ମାନନ୍ଦ ତ୍ରିପାଠୀ, ସତ୍ୟବାଦୀ ଦାସ, ସଞ୍ଜୟ କୁମାର ସାମନ୍ତସିଂହାର ଓ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ପରିଜାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାହାନାଗା ରେଳ ଦୁର୍ଘଟଣାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ମୃତ୍ୟୁବରଣ କରିଥିବା ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶେଷରେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଦେଇଥିଲେ।

# ପ୍ରଫେସର ଦଉକୃଷ୍ଣ ଜେନାଙ୍କ ସ୍ମୃତିସଭା



**କେନ୍ଦ୍ରାପଡ଼ା, ୨।୬(ସମିସ):** କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଫୋରଡ ଗ୍ରାମର ପ୍ରଫେସର ଦଉକୃଷ୍ଣ ଜେନାଙ୍କ ଦ୍ୱାଦଶାହ ଉପଲକ୍ଷେ ପୂର୍ବତନ ବିଇଓ ହେମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ରଣଧୀର ଜେନା ସଂଯୋଜନା କରିଥିଲେ। ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, କିଶୋର ତରାଇ, ରାଜେଶ ଦାସ, ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ଅମ୍ବିକା ପରିଡ଼ା, ସୌମ୍ୟ ରଞ୍ଜନ ସ୍ୱାଇଁ, ବିକ୍ରମ ରାଉତ, ଦେବରାଜ ରାଉତ, ମୁରଲୀଧର ସାମନ୍ତରାୟ, ମନୋଜ ନାୟକ, ରବୀନ୍ଦ୍ରନାଥ ପଣ୍ଡା, ଗଗନ ବିହାରୀ ମନ୍ତ୍ରୀ, ପ୍ରଶାନ୍ତ କୁମାର ବେହେରା, ଅବନ୍ତି ବେହେରା, କଂସାର ସରପଞ୍ଚ ସରୋଜିନୀ ନାୟକ ପ୍ରମୁଖ ଏହି ସ୍ମୃତିସଭାରେ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଫେସର ଦଉକୃଷ୍ଣ ଜେନାଙ୍କ ସ୍ମୃତିରେ ନ୍ତସ୍ମୃତିଅର୍ଘ୍ୟ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ ୭୧.୨୬ ପ୍ରତିଶତ ମତଦାନ

**କେନ୍ଦ୍ରାପଡ଼ା, ୨।୬(ସମିସ)**

- ଇଭିଏମ୍‌ରେ ସିଲ୍ ହେଲା ୫୦ ପ୍ରାର୍ଥୀଙ୍କ ଭାଗ୍ୟ
- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ୍‌ରୁମ୍



କେନ୍ଦ୍ରାପଡ଼ା ଜିଲ୍ଲାର ୪୦ ବିଧାୟକ ଓ ୧୦ ସାଂସଦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ପରେ ହାତୀ କାହା ମୁଣ୍ଡରେ ସୁନା କଳସ ଢ଼ାଳିଛି ଜଣାପଡ଼ିବ। ତେବେ ଭୋଟ ଗଣତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଛି। ପୋଲିସ କଡା ସୁରକ୍ଷା ବଳୟ ସହ ୨୪ ଘଣ୍ଟିଆ ସିସିଟିଭି ସର୍ଭିଲାନ୍ସରେ ଇଭିଏମଗୁଡ଼ିକ ରଖାଯାଇଛି। ଭୋଟ ଗଣତି ପାଇଁ ଜିଲ୍ଲା ପ୍ରଶାସନ ୧୦୪୪୦ କର୍ମଚାରୀଙ୍କ ନିଯୁକ୍ତି ଦେଇଛି। କେନ୍ଦ୍ରାପଡ଼ା ଲୋକସଭା ଆସନରେ ପ୍ରାୟ ୭୧.୨୬ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଳି ବିଧାନସଭା କ୍ଷେତ୍ରରେ ୬୩.୬୭ ପ୍ରତିଶତ, କେନ୍ଦ୍ରାପଡ଼ାରେ ୬୭.୬୬ ପ୍ରତିଶତ, ମହାକାଳପଡ଼ାରେ ୭୫.୩୨ ପ୍ରତିଶତ, ପାଟକୁରାରେ ୭୨.୭୨ ପ୍ରତିଶତ, ରାଜନଗରରେ ୬୬.୩୩ ପ୍ରତିଶତ, ମାହାଙ୍ଗାରେ ୭୬.୦୮ ପ୍ରତିଶତ ଓ ସାଲେପୁର ବିଧାନସଭା କ୍ଷେତ୍ରରେ ୭୭.୦୪ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି।

କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ ମୁଖ୍ୟତଃ ହେଭିୱେଟ ନେତା ଅଂଶୁମାନ, ବୈଜୟନ୍ତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦୀତା ହୋଇଛି। କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ବିଜେପି ବିଧାୟକ ପ୍ରାର୍ଥୀ ଗିତାଞ୍ଜଳୀ ସେଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦୀତା ହେଉଥିବା ବେଳେ ଆଳିରେ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସହିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମାଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ରାଜନଗର ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁଙ୍କ ସହିତ କଂଗ୍ରେସ ପ୍ରାର୍ଥୀ ଅଶୋକ ପ୍ରତିହାରୀଙ୍କ ସହ ଲଢ଼େଇ ହୋଇଛି। ସେହିଭଳି ମହାକାଳପଡ଼ାରେ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ସହିତ ବିଜେପିର ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କର କଡ଼ା ଟକ୍କର ହେଉଥିବା ବେଳେ ପାଟକୁରାରେ ବିଜେଡି ବିଧାୟକ ପ୍ରାର୍ଥୀ ତଥା ବିଜୟ ମହାପାତ୍ରଙ୍କ ପୁତ୍ର ଅରବିନ୍ଦ ମହାପାତ୍ରଙ୍କ ସହ ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡ଼ାଙ୍କର ପ୍ରତିଦ୍ୱନ୍ଦୀତା ହୋଇଛି। ସମସ୍ତ ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଥିବା ବେଳେ ସମସ୍ତ ଇଭିଏମ ଗୁଡ଼ିକୁ କଡ଼ା ପୋଲିସ ପ୍ରହରା ମଧ୍ୟରେ ଷ୍ଟ୍ରଙ୍ଗରୁମ ମଧ୍ୟରେ ସିଲ କରିଦିଆଯାଇଛି। ସବୁ ପ୍ରାର୍ଥୀଙ୍କ ମନରେ ଆଶା ଓ ଆଶଙ୍କା ଭରି ରହିଥିବା ବେଳେ ଆସନ୍ତା ୪ତାରିଖରେ ଭୋଟ ଗଣତି ପରେ ସମସ୍ତ ପ୍ରାର୍ଥୀମାନଙ୍କ ଭାଗ୍ୟ ଫଳ ପ୍ରକାଶ ପାଇବ। କେନ୍ଦ୍ରାପଡ଼ା ଲୋକସଭା ଆସନ ଅନ୍ତର୍ଗତ ଆଳି, ମହାକାଳପଡ଼ା ଓ ପାଟକୁରା ବିଧାନସଭା କ୍ଷେତ୍ରରେ କେତେକ ସ୍ଥାନରେ ସାମାନ୍ୟ ଗଣ୍ଡଗୋଳକୁ ଛାଡି ଦେଲେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଛି।



ଅଙ୍ଗୁଲାଇ ଓରତ ରାସ୍ତା ଅଙ୍ଗୁଲାଇ ବଜାର ଠାରେ ପ୍ରବଳ ବର୍ଷା ଯୋଗୁଁ ଗଛ ପଡି ଅବରୋଧ ହୋଇଛି

भारत सरकार • अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

संक्षिप्त ई–निविदा सूचना / Brief E-TENDER NOTICE

ई–निविदा सूचना सं. / e- Tender Notice No : SHAR/CMD/E/B 2487202/2024-25 तिथि/ Date. 28.05.2024

भारत के राष्ट्रपति की ओर से, "चांदीपुर, उड़ीसा में पर्यावरणीय एवं अंतरिक्ष अनुसंधान सुविधा (एएसआरएफ)। (विद्युत कार्य)।"(अनुमानित लागत: ₹297.54 लाख) के लिए ई–निविदा के माध्यम से मद दर निविदाएं आमंत्रित की जाती हैं। निविदा दस्तावेज 17.06.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जा सकते हैं।

On behalf of President of India, Item Rate tenders are invited through e-tendering for **"Atmospheric and Space Research Facility (ASRF) at Chandipur, Odisha. (Electrical works)" (Estimated cost: ₹297.54 Lakhs)**. Tender documents can be downloaded up to **17.06.2024**, **14:30** hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR

# ମହିଳାଙ୍କୁ ମାଡ଼ ସହ ହତ୍ୟା ଧମକ

**ବଇଣ୍ଡା, ୨।୬ (ସମିସ):** ଠାକୁରଗଡ଼ ଥାନା ପାଇକସାହି ନିକଟସ୍ଥ ତାଳବାହାଳୀ ଗ୍ରାମର ପ୍ରଭାଞ୍ଜଳି ସାହୁଙ୍କୁ ସେହି ଗ୍ରାମର ସୁଜିତ ପ୍ରଧାନ ଓ ତାଙ୍କ ମା' ଅଞ୍ଜଳି ପ୍ରଧାନ ମାଡ଼ମାରିବା ସହ ହତ୍ୟା ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୧୨୬/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ପରେ ପ୍ରଭାଞ୍ଜଳି ଘରେ ଏକା ଥିବାବେଳେ ମା' ପୁଅ ଘରକୁ ଆସି ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

# ଏନ୍‌ଟିପିସି ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନର ପ୍ରତିଷ୍ଠା ଦିବସ



**ତାଳଚେର/କଣିହାଁ,୨।୬(ସମିସ):** ଓଡ଼ିଶାର ସର୍ବବୃହତ ଶକ୍ତି ପ୍ରକଳ୍ପ ଏନଟିପିସି ତାଳଚେର ସୁପର ଥର୍ମାଲ୍ ପାୱାର ଷ୍ଟେସନର ୩୬ତମ ପ୍ରତିଷ୍ଠା ଦିବସ ଉତ୍ସାହ ଏବଂ ଉଦ୍ଦିପନା ସହିତ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପାୱାର ଷ୍ଟେସନର କର୍ମଚାରୀମାନେ ପ୍ରଶାସନିକ ବିଲ୍ଡିଂରେ ଏକାଠି ହୋଇଥିଲେ, ଯେଉଁଠାରେ ପ୍ରୋଜେକ୍ଟର ମୁଖ୍ୟ ଅଶୋକ କୁମାର ସେହଗଲ ଏନଟିପିସି ପତାକା ଉତ୍ତୋଳନ କରିଥିଲେ। ଏହାପରେ ଏନଟିପିସି ସଙ୍ଗୀତ ଅନୁସରଣ କରାଯାଇଥିଲା। ତଦ୍ ପରେ ଶ୍ରୀ ସେହଗଲ ଏହି ଅବସରରେ ସମ୍ବୋଧିତ କରିଥିଲେ। ବିଶେଷ ଭାବରେ ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ଦିନରାତି କାର୍ଯ୍ୟ କରିଥିବାରୁ ଏବଂ ବିଦ୍ୟୁତ୍ ଉତ୍ପାଦନରେ ଉତ୍କର୍ଷ ପ୍ରଦର୍ଶନ କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଆହୁରି ମଧ୍ୟ ଶ୍ରୀ ସେହଗଲ ସମାଜର ବିକାଶ ଦିଗରେ ଷ୍ଟେସନର ଅବଦାନ ଉପରେ ଆଲୋକପାତ କରିଥିଲେ ଏବଂ ଏହାର ସିଏସଆର ପଦକ୍ଷେପ ଅନୁଯାୟୀ, ଷ୍ଟେସନ ଆଖପାଖରେ ବାସ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କୁ ମୌଳିକ ସୁବିଧା ଯୋଗାଇ ଏନଟିପିସି କଣିହାଁ ସହଯୋଗ କରୁଥିବା ପ୍ରକାଶ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ସମସ୍ତ ଜିଏମ୍, ବିଭାଗୀୟ ମୁଖ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଏବଂ ୟୁନିଅନ୍ ଏବଂ ଆସୋସିଏସନ୍ ପ୍ରତିନିଧି, ସିଆଇଏସ୍ଏଫ୍ କର୍ମଚାରୀ ଏବଂ ଅଧିକାରୀମାନେ ଯୋଗ ଦେଇଥିଲେ।

# ପାଣି ପାଇଁ ଡହକବିକଳ ବାଘଆବୋଲ ୨୦ ନମ୍ବର ୱାର୍ଡବାସୀ

● ରାଜରାସ୍ତାକୁ ଓହ୍ଲାଇବା ଲାଗି ଚେତାବନୀ



**ତାଳଚେର ସଦର, , ୨।୬(ସମିସ):** ତାଳଚେର ପୌର ପରିଷଦ ଅନ୍ତର୍ଗତ ବାଘୁଆବୋଲ ୨୦ନମ୍ବର ୱାର୍ଡବାସୀ ପାଣି ଟୋପାଏ ପାଇଁ ଡହକବିକଳ ହେଉଥିବା ଦେଖିବାକୁ ମିଳିଛି। ଏହି ୱାର୍ଡରେ ରେଙ୍ଗାଳୀ କଲୋନୀ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଡିଆଇଜି ଅଫିସ ଏବଂ ଶ୍ରମ ବିଭାଗ କାର୍ଯ୍ୟାଳୟ ରହିଛି। ଏହି ୱାର୍ଡରେ ପ୍ରଶାସନିକ ଦପ୍ତର ଥିଲେ ମଧ୍ୟ ଜଳକଷ୍ଟର ଦୁର୍ଦ୍ଦଶା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ବସ୍ତିବାସୀ ପ୍ରକାଶ କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରେ ସ୍ୱଜଳ ଧାରା ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ, କିନ୍ତୁ ଜଳ ଟୋପାଏ ପାଇଁ ଖୋଦ୍ ପୌର ପରିଷଦ ୨୦ନମ୍ବର ୱାର୍ଡରେ ପାନୀୟ ଜଳର ଅଭାବ ଲାଗିରହିଥିବା ହେତୁ ଅନ୍ତେଃବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗ୍ରୀଷ୍ମପ୍ରବାହକୁ ନଜରରେ ରଖି ପ୍ରତି ସ୍ଥାନରେ ପୌର ପରିଷଦ ପକ୍ଷରୁ ଜଳଛତ୍ର ଥିବା ବେଳେ ୨୦ ନମ୍ବର ୱାର୍ଡବାସୀଙ୍କ ପାଇଁ ଜଳଟୋପାଏ ସାତସପନ ହୋଇଛି। ତେଣୁ ଏଥିପ୍ରତି ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ୱାର୍ଡବାସୀ ଦାବି କରିଛନ୍ତି। ନଚେତ ଏହି ସମସ୍ୟାକୁ ନେଇ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ରାଜ୍ୟ ମାନବାଧିକାର କମିଶନଙ୍କ ଅସନ୍ତୋଷ

# ଅନୁଗୋଳ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ

**ମହିଳା ଓ ବୟସ୍କମାନଙ୍କୁ ସମ୍ମାନ ଦେବା ଘଟଣା**

**ତାଳଚେର ସହର ୨।୬ (ସମିସ):** ରାଜ୍ୟ ସରକାର ଗରିବ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କରୁଛନ୍ତି। ସେଥିପାଇଁ କୋଟି କୋଟି ଟଙ୍କାର ପୁଞ୍ଜି ମଧ୍ୟ ବ୍ୟୟ ହେଉଛି। କିନ୍ତୁ କିଛି ଅପାରଗ ସରକାରୀ କର୍ମଚାରୀଙ୍କ ପାଇଁ ଯୋଜନାଗୁଡ଼ିକର ଲାଭ ସାଧାରଣ ଜନତା ଉଠାଇ ପାରୁନାହାନ୍ତି। ଏହାକୁ ନେଇ ରାଜ୍ୟ ମାନବ ଅଧିକାର କମିଶନ ଅନୁଗୋଳ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ସୂଚନା ଅଧିକାର କର୍ମୀ ଦେବପ୍ରସାଦ ସାହୁ ଆରଟିଆଇର ଶୁଣାଣି ପାଇଁ ତାଳଚେର ଉପଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ। ଉକ୍ତ ଶୁଣାଣି ସାରି ଫେରୁଥିବା ବେଳେ ସେ ଦେଖିଲେ ଯେ, ଦୁଇଜଣ ବୟସ୍କ ପୁରୁଷ, ଜଣେ ବୃଦ୍ଧ ମହିଳା ଓ ଜଣେ ମହିଳା କିଛି ସରକାରୀ ସେବା ପାଇବା ପାଇଁ ଉକ୍ତ କାର୍ଯ୍ୟାଳୟକୁ ଆସିଛନ୍ତି। ଉକ୍ତ ଅଧିକାରୀ ବ୍ୟସ୍ତ ଥିବାରୁ ସେମାନେ ବହୁ ସମୟ ଅଫିସ୍ ବାରଣ୍ଡାରେ ଠିଆ ହୋଇଥିଲେ। ଅପେକ୍ଷା କରି କରି ଉକ୍ତ ବୃଦ୍ଧ ଓ ମହିଳା ଜଣକ ତଳେ ବସିବାକୁ ବାଧ ହେଲେ। କାରଣ ସେଠାରେ ଏମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ନଥିଲା। କେବଳ ସେତିକି ନୁହେଁ, ଅଫିସ୍ ବାହାରେ ମଧ୍ୟ ଦମ୍ପତି ଓ ତାଙ୍କ ପୁଅ ତଳେ ବସିବାକୁ ବାଧ ହୋଇଥିଲେ। ଶ୍ରୀ ସାହୁଙ୍କ କହିବା ଅନୁଯାୟୀ ସେହି ବାରଣ୍ଡାରେ ଦୁଇଟି ଚେୟାର ପଡ଼ିଥିଲା ଓ ସେହି ଚେୟାରରେ ଦୁଇ ଜଣ କର୍ମଚାରୀ ବସି ରହିଥିଲେ। ମାନବିକତା ଦୃଷ୍ଟିରୁ ଉକ୍ତ ବୃଦ୍ଧାଙ୍କୁ ବସିବା ପାଇଁ ଚେୟାର ଦୁଇଟି ଦିଆଯାଇପାରିଥାନ୍ତା କିନ୍ତୁ ଦୁର୍ଭାଗ୍ୟବଶତଃ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ମାନବିକତା ଅଭାବରୁ ସେ ବୃଦ୍ଧଙ୍କୁ ବସିବା ପାଇଁ ଚେୟାର ଦେଇ ନଥିଲେ। ପରେ ଶ୍ରୀ ସାହୁ ଘଟଣାରେ ରାଜ୍ୟ ମାନବ ଅଧିକାର କମିଶନଙ୍କୁ ଏକ ଲିଖିତ ଅଭିଯୋଗ ଦାଖଲ କରି ଅନୁରୋଧ କରିଥିଲେ ଯେ, ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ବୟସ୍କମାନଙ୍କୁ ତୁରନ୍ତ ସେବା ପ୍ରଦାନ ପାଇଁ ନିୟମ କରାଯିବା ସହ ସେମାନଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ଅପେକ୍ଷା ଗୃହର ବ୍ୟବସ୍ଥା କରିବା ପାଇଁ। ଏହି ଅଭିଯୋଗକୁ କମିଶନ ଗୁରୁତର ସହ ନେଇ ଅନୁଗୋଳ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରି ଆସନ୍ତା ଶୁଣାଣି ପୂର୍ବରୁ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ସମ୍ମାନର ସହିତ ବଞ୍ଚିବା ସମସ୍ତଙ୍କର ମୌଳିକ ଅଧିକାର। ବୟସ୍କ ଲୋକ ଓ ମହିଳାମାନେ ତଳେ ବସିରହିବା ଏକ ଅପମାନଜନକ କାର୍ଯ୍ୟ ଓ ଏହା ତୁରନ୍ତ ବନ୍ଦ ହେବା ଦରକାର। ମହିଳା ଓ ବୟସ୍କମାନଙ୍କୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ଓ ଏହାର ଉଲ୍ଲଙ୍ଘନକୁ କେବେ ହେଲେ ପ୍ରଶ୍ରୟ ଦିଆଯିବନାହିଁ।

■ ବିନା କାରଣରେ ବିଜୁଳି କାଟିଦେଲେ ପଡ଼ୋଶୀ

# ପ୍ରତିବାଦ କରିବାକୁ ନିସ୍ତୁକ ମାଡ଼: ୨ ଗୁରୁତର



**ଅନୁଗୋଳ, ୨।୬ (ସମିସ):** ଅନୁଗୋଳ ଜିଲ୍ଲା ବଣ୍ଟଁରପାଳ ଥାନା ନୂଆହତା ଓ ବୁଢ଼ାପଙ୍କ ସୀମାନ୍ତ ଅଞ୍ଚଳରେ ଥିବା ବିଦ୍ୟୁତ ଖୁଣ୍ଟରୁ ବିଜୁଳି କାଟି ପଡ଼ୋଶୀକୁ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ଦୁଇଜଣ ଲହୁଲୁହାଣ ହୋଇଛନ୍ତି। ଏ ନେଇ ବଣ୍ଟଁରପାଳ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୁଇଜଣ ହେଲେ ବାସନ୍ତୀ ଲୋହାର ଓ ଦେବରାଜ ସ୍ୱାଇଁ। ଅଭିଯୋଗକାରୀଙ୍କ ସୂଚନା ମୁତାବକ, ଗତ ୨୮ ମେ ରାତି ୭ ଟାରେ ପଡ଼ୋଶୀ ଘରର ରାଜେଶ ସିଙ୍କୁ ବିଦ୍ୟୁତ ଖୁଣ୍ଟରୁ ବିଜୁଳି ନେଇପାରିବେ ନାହିଁ ବୋଲି କହି ଝଗଡ଼ା କରିଥିଲା। ପରେ ବିଦ୍ୟୁତ ଖୁଣ୍ଟରେ ଚଢ଼ି ଘରକୁ ଆସିଥିବା ବିଜୁଳି ତାରକୁ କାଟି ଅନ୍ଧାର କରିଦେଇଥିଲା। କାହିଁକି ବିଜୁଳି ତାର କାଟିଦେଲେ ବୋଲି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଅନ୍ଧକାରର ସୁଯୋଗ ନେଇ ରାଜେଶ ବାସନ୍ତୀର ମୁଣ୍ଡକୁ ଏକ ବାଡ଼ିରେ ପିଟି ଲହୁଲୁହାଣ କରିଥିଲା। ଏହା ଦେଖି ଦିଅର ଦେବରାଜ ଉଦ୍ଧାର କରିବା ସମୟରେ ରାଜେଶ ସିଙ୍କୁ ଓ ସ୍ତ୍ରୀ ହାର ସିଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ଉଭୟେ ଜୀବନ ବଞ୍ଚାଇବା ପାଇଁ ଘର ଛାଡ଼ି ପଳାଇ ଯାଇଥିଲେ। ପରେ ସେମାନେ ବଣ୍ଟଁରପାଳ ମେଡିକାଲରେ ଚିକିତ୍ସା କରାଇବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଟ୍ରାଫିକ୍ ଜାମ୍; ଜନସାଧାରଣ ହନ୍ତସନ୍ତ



**ତାଳଚେର, ୨।୬(ସମିସ):** ତାଳଚେର ପୌର ପରିଷଦ ମୁଖ୍ୟରାସ୍ତା ବାଇପାସ୍ ଟ୍ରାଫିକ ଛକଠାରୁ ଦୀର୍ଘ ୩କମି ହେବ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ସଦାସର୍ବଦା ଟ୍ରାଫିକ ଜାମ ରହୁଥିବାରୁ ଜନସାଧାରଣ ଏହି ରାସ୍ତାଦେଇ ଯାତାୟାତ କରିବା କଷ୍ଟକର ବ୍ୟାପାର ହୋଇପଡୁଛି। ତାଳଚେରର ହାଟତୋଟା ମୁଖ୍ୟ ବାଣିଜ୍ୟ ପେଣ୍ଠସ୍ଥଳୀ ଭାବେ ପରିଚିତ। ଏହି ହାଟତୋଟାର ମଙ୍ଗଳା ମନ୍ଦିର ଠାରୁ ଆରମ୍ଭ କରି କାଳୀମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତ୍ୟେକ ସମୟରେ ଲୋକେ ଗାଡ଼ି ମଟର ରଖି ସେମାନଙ୍କ ଦୈନନ୍ଦିନ ବ୍ୟବହାର ଯୋଗ୍ୟ ସମାଗ୍ରୀ କ୍ରୟ କରିଥାନ୍ତି। ଏଠାରେ ଦୋକାନ ସମେତ ବଡ଼ ବଡ଼ ମଲ ଗଢ଼ି ଉଠିବାରୁ ଯାନବାହନ ଏଣେତେଣେ ରଖାଯାଉଛି। ପ୍ରଶାସନ ପକ୍ଷରୁ ସେଭଳି କୌଣସି ପାର୍କିଂ ବ୍ୟବସ୍ଥା ନଥିବାରୁ ଲୋକେମାନେ ରାସ୍ତା କଡ଼ରେ ଗାଡ଼ି ରଖି ନିଜର ଜିନିଷପତ୍ର କ୍ରୟ କରୁଛନ୍ତି। ସେହିଭଳି କାଳୀମନ୍ଦିରଠାରୁ ଆରମ୍ଭକରି ଶର୍ମା ଛକ, ହାଣ୍ଡିଧୂଆଁ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଏକାଧିକ ବ୍ୟାଙ୍କ ଓ ବଡ଼ ବଡ଼ ମଲ ରହୁଥିବାରୁ ସମାନ ପରିସ୍ଥିତି ହେତୁ ନାହିଁ ନଥିବା ଟ୍ରାଫିକ ସମସ୍ୟା ଦେଖାଯାଇଥାଏ। ଏହି ପରିସ୍ଥିତି ପୂର୍ବରୁ ଉପୁଜୁଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କେଉଁଠି କେମିତି ଅଣଓସାରିଆ ରାସ୍ତାକୁ ଚଉଡ଼ା କରାଯାଇଥିଲେ ମଧ୍ୟ ଆଉ କେଉଁଠି ସେହି ଅଣଓସାରିଆ ରାସ୍ତା ରହିଛି। ତେଣୁ ଏହି ରାସ୍ତାର ଏପାଖରୁ ସେପାଖକୁ ଯିବା ଏତେ ସହଜ ହୋଇ ନଥାଏ। ଶିଳ୍ପନଗରୀ ତାଳଚେର ସହରର ଏହି ମୁଖ୍ୟ ରାସ୍ତାକୁ ପ୍ରଶସ୍ତିକରଣ କରିବା ସହିତ ରାସ୍ତା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଗଲେ, କିଛିକାଂଶରେ ଏହି ଟ୍ରାଫିକ ସମସ୍ୟା ଦୂରୀଭୂତ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିପରି ତାଳଚେର ଟାଉନ ଥାନା ପକ୍ଷରୁ ପୁଲିସ୍ ମୂତୟନ କରି ରାସ୍ତାରେ ରଖୁଥିବା ଯାନବାହାନ ଗୁଡ଼ିକୁ ଅନ୍ୟତ୍ର ପାର୍କିଂ ବ୍ୟବସ୍ଥା କରାଇଲେ କିଛିକାଂଶରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ ବୋଲି କୁହାଯାଉଛି।

# ଅଧିକ ଦରରେ ମଦ ବିକ୍ରିକୁ ନେଇ ଉତ୍ତେଜନା

**ବଇଣ୍ଡା, ୨।୬ (ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡାଠାରେ ଥିବା ବିଦେଶୀ ମଦ ଦୋକାନରେ ଅଧିକ ଦରରେ ମଦ ବିକ୍ରିକୁ ନେଇ ଶନିବାର ରାତିରେ ଉତ୍ତେଜନା ଦେଖାଦେଇଛି। ଏପରିକି କିଛି ଗ୍ରାହକମାନେ ସେଠାରେ ବୋତଲ ଭଙ୍ଗାରୁଜା କରିଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ବଇଣ୍ଡା ଠାରେ ଥିବା ବିଦେଶୀ ମଦ ଦୋକାନରେ କିଛିମାସ ହେବ ମଦ ଦରଠାରୁ ଅଧିକ ଦରରେ ବିକ୍ରି କରାଯାଉଛି। ବିଶେଷ କରି ଏହି ଅଞ୍ଚଳରେ ମଦ ବିକ୍ରି ପାଇଁ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଏହି ଦୋକାନ ଜଣେ ଅଣଓଡ଼ିଆ ବ୍ୟକ୍ତି ମଦ ବ୍ୟବସାୟ ପାଇଁ ଦାୟିତ୍ୱ ନେଇଥିବା ବେଳେ ପ୍ରତେକ ମଦ ବୋତଲ ପିଛା ୨୦ ଟଙ୍କା ଉଚ୍ଚ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଶନିବାର ବଇଣ୍ଡା ଅଞ୍ଚଳରେ ଚନ୍ଦନ ଯାତ୍ରାର ମେଲୋଡି କାର୍ଯ୍ୟକ୍ରମ ଚାଲିଥିବା ବେଳେ ମଦ ଦୋକାନରେ ଗ୍ରାହକଙ୍କ ବୃଦ୍ଧି ଯୋଗୁଁ ଉକ୍ତ ବ୍ୟବସାୟୀ ଜଣକ ଗୋଟିଏ ମଦ ବୋତଲ ପିଛା ୨୦ ଟଙ୍କା ଉଚ୍ଚ ଦରରେ ବିକ୍ରି କରିଥିଲେ। ହେଲେ ଅନେକ ଯୁବକ ଗ୍ରାହକମାନେ ଉଚ୍ଚ ଦର ବିକ୍ରିକୁ ନେଇ ବିରୋଧ କରିଥିଲେ। ଏପରିକି ଉକ୍ତ ବ୍ୟବସାୟୀ ଜଣକ ଉଚ୍ଚ ଦର ନ ଦେଲେ ମଦ ଦେଇ ହେବନି କହିଥିଲେ। ପରେ ସେଠାରେ ଗ୍ରାହକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବସାୟୀ ଜଣକ ଗ୍ରାହକମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କୁ ପୁଲିସ ଗିରଫଦାରି ଭୟ ଦେଖାଇବାରୁ କିଛି ଗ୍ରାହକ ସେଠାରେ ବୋତଲ ଭଙ୍ଗାରୁଜା କରିଥିଲେ। ଏପରିକି ବ୍ୟବସାୟୀ ଜଣକ ବିଭାଗୀୟ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଉଚ୍ଚ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ବିଦେଶୀ ମଦ ଦୋକାନରେ ଏଭଳି ଉଚ୍ଚ ଦରରେ ମଦ ବିକ୍ରି ହେଉଥିବା ପୂର୍ବରୁ ବହୁବାର ଜିଲ୍ଲା ପ୍ରଶାସନଠାରେ ଅଭିଯୋଗ ହେଲେ ମଧ୍ୟ କେହି ଶୁଣୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଜିଲ୍ଲା ଅବକାରୀ ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ପଲିଥିନ ବେପାରରେ ଲାଗୁନି ରୋକ୍, ପ୍ରହସନ ପାଲଟିଛି କଟକଣା

# ବେଧଡ଼କ ଚାଲିଛି ପଲିଥିନ୍ କାରବାର



**ତାଳଚେର ସଦର, ୨।୬ (ସମିସ):** ତାଳଚେର ଅଞ୍ଚଳରେ ପ୍ରହସନ ପାଇଟିଛି ପଲିଥିନ୍ କଟକଣା। ଏଠି ଜଳଖୁଆ ଦୋକନଠୁ ଆରମ୍ଭ କରି ପରିବା, ଷ୍ଟେସନାରୀ, ଗ୍ରୋସରି ଦୋକାନ ସବୁଠି ପଲିଥିନ୍ ଜରିର ବ୍ୟବହାର ଜୋରସୋରରେ ଚାଲିଛି। ମାତ୍ର ଏବେ ଯାଞ୍ଚ କରିବାକୁ ସତେ ଯେପରି କେହିନାହାନ୍ତି। ପୌରସଂସ୍ଥାରେ ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ ରହିଥିବା ବେଳେ କୌଣସି ଦିନ ଚଢ଼ଉ କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଲିଥିନ୍ ଚଢ଼ଉ ସମୟରେ ଦୋକାନୀମାନେ ଏହାକୁ ରଖୁ ନଥିବା ବେଳେ ଗ୍ରାହକ ନିଜେ ବ୍ୟାଗ୍ ଧରି ସାମଗ୍ରୀ ନେବାକୁ ଆସୁଥିଲେ। ମାତ୍ର ଚଢ଼ଉ ହେଉ ନଥିବାରୁ ଲୋକେ ବ୍ୟାଗ୍ ଆଣୁ ନଥିବା ତଥା ଦୋକାନୀ ବି ଜରିରେ ସାମଗ୍ରୀ ପୂରାଇ ବଢ଼ାଇ ଦେଉଥିବା ଦେଖାଯାଉଛି। ବ୍ୟବହାର ପରେ ସେହି ଜରିକୁ ଅଳିଆ ଗଦାରେ ଫିଙ୍ଗି ଦିଆଯାଉଛି। ଯାହା ପ୍ରଦୂଷଣକୁ ବଢ଼ାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ପରିବେଶବିତମାନେ ଉଦବେଗ ପ୍ରକାଶ କରୁଛନ୍ତି। ତାଳଚେରର ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା ସମୟରେ ପ୍ରଶାସନର ବାରଣ ସତ୍ତ୍ୱେ ପଲିଥିନର ବହୁଳ ବ୍ୟବହାର ଦେଖୁବାକୁ ମିଳିଥିଲା। ଏପରିକି ଉଭାସ୍ଥଳୀ ନିକଟରେ ପଲିଥିନରେ ଭୋଗ ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ସେଠାରେ ଯାଞ୍ଚ କରିବାକୁ କେହି ନଥିଲେ। ପଲିଥିନ କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ସହ ଅମାନିଆ ଦୋକନୀଙ୍କଠାରୁ ଜରିମାନା ଆଦାୟ କରିବାକୁ ପରିବେଶବିତମାନେ ମତ ଦେଇଛନ୍ତି। ଲୋକେ ମଧ୍ୟ ଏ ଦିଗରେ ସଚେତନ ହେଉନାହାନ୍ତି। ଅଳିଆ ଗଦାରେ କୁଢ଼ କୁଢ଼ ଜରି, ଥର୍ମକୁଲ୍ ପ୍ଲେଟ୍ ଆଦି ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ଗଦା ହୋଇରହୁଥିବା ଦେଖାଯାଉଛି। ଯାହାକୁ ନେଇ ପରିବେଶବିତମାନେ ଉଦବେଗ ପ୍ରକାଶ କରିଛନ୍ତି। ପଲିଥିନ୍ ଜନିତ ପ୍ରଦୂଷଣ ଦିନକୁ ଦିନ ବଢ଼ିଚାଲିଛି। ଯାହାକୁ ଦୃଷ୍ଟିରେ ରଖି ସରକାର ସିଙ୍ଗିଲ୍ ୟୁଜ୍ ପଲିଥିନକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଆବଶ୍ୟକ ସ୍ଥଳେ ନିର୍ଦ୍ଦିଷ୍ଟ ମାଇକ୍ରୋନର ପଲିଥିନ୍ ବ୍ୟବହାର କରିବାକୁ ଅନୁମତି ରହିଛି। ଏହାକୁ ଯାଞ୍ଚକରି ଜରିମାନା ଆଦାୟ କରିବାକୁ ବ୍ୟବସ୍ଥା ମଧ୍ୟ ରହିଛି। ବିଶେଷ କରି ସହରାଞ୍ଚଳରେ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ତାଳଚେର ସହରାଞ୍ଚଳରେ ପଲିଥିନ କଟକଣା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି। ପ୍ରତ୍ୟେକ ଦୋକାନରେ ବେଧଡ଼କ ଭାବେ ପିଲିଥିନରେ ସାମଗ୍ରୀ ଦିଆଯାଉଥିବା ଦେଖାଯାଉଛି। ତେବେ ପଲଥିନ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ଅମାନିଆ ଦୋକାନୀଠୁ ଜରିମାନା ଆଦାୟ କରିବାକୁ ପରିବେଶବିତମାନେ ମତ ଦେଇଛନ୍ତି।

# ୩ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

**କଣିହାଁ, ୨।୬ (ସମିସ):** କଣିହା ପୁଲିସ ପକ୍ଷରୁ ପୃଥକ ପୃଥକ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କଣିହା ବ୍ଲକ ଅନ୍ତର୍ଗତ ବଡ଼ଗୁଣ୍ଡୁରୀ ଗ୍ରାମର ଧ୍ରୁବଚରଣ ସାହୁ (୪୩)ଙ୍କ ଏକ ଦୋକାନରେ ତାଙ୍କ ପୁଅ ସତ୍ୟବ୍ରତ ସାହୁ ବସିଥିବା ବେଳେ ବଡ଼ତ୍ରିବିଡ଼ା ପଞ୍ଚାୟତ ସରଧାପୁର ଗ୍ରାମର ଦୁଇ ଯୁବକ ସତ୍ୟ ସାହୁ (୧୯) ଓ ଦିଲୀପ ସାହୁ( ୩୦) ଚପଲ କିଣିବା ବାହାନାରେ ଚପଲ ଦେଖିବାକୁ କହିଥିଲେ। ଧ୍ରୁବଙ୍କ ପୁଅ ଚପଲ ଦେଖାଇବାକୁ ଆଣିବା ବେଳେ ସତ୍ୟ ଓ ଦିଲୀପ କ୍ୟାସ୍ ବାକ୍ସରୁ ୪୫୦୦ ଟଙ୍କା ଧରି ଚମ୍ପଟ ମାରିଥିଲେ। ଟଙ୍କା ଚୋରି ଘଟଣାକୁ ନେଇ ଧ୍ରୁବ ଦୁଇ ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି କଣିହାଁ ପୁଲିସ ପକ୍ଷରୁ ୨୧୦/୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ନନ୍ଦ ଶଙ୍ଖାରି (୨୭)ଙ୍କ ଅଭିଯୋଗ କ୍ରମେ ବଡ଼ଗୁଣ୍ଡୁରୀ ପଞ୍ଚାୟତ ଦେଭୂଇଁ ଗ୍ରାମର ରଣଜିତ ଶଙ୍ଖାରି( ୩୦) ଉତ୍ତ୍ୟକ୍ତ ହୋଇ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ ଓ ସେଥିରେ ତାଙ୍କ ମୁଣ୍ଡ ଫାଟି ଆହତ ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ କଣିହା ଥାନାରେ ନନ୍ଦ ଅଭିଯୋଗ କରିଥିଲେ। କଣିହାଁ ପୁଲିସ ପକ୍ଷରୁ ତଦନ୍ତ କରି କେସ ନଂ ୨୦୯/୨୪ ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ରଣଜିତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡିଛି।



# ରେଙ୍ଗାଳି ଡ୍ୟାମ୍ ଅଞ୍ଚଳରେ ହାତୀ ଆତଙ୍କ



● କଲୋନୀବାସୀ ଭୟରେ ବାହାରକୁ ଯାଉନାହାନ୍ତି

● ଜିପିଏସ୍ ଦ୍ୱାରା ହାତୀ ଗତିବିଧି ଉପରେ ବନ ବିଭାଗର ନଜର

**କଣିହାଁ,୨।୬(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଡ୍ କଲୋନୀରେ ଚାରିଦିନ ହେଲା ଏକ ଦନ୍ତା ହାତୀ ଚଳପ୍ରଚଳ କରୁଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଆତଙ୍କରେ ରହିଛନ୍ତି। ଉକ୍ତ ହାତୀଟି ଓଏଚପିସି କଲୋନୀ ନିକଟସ୍ଥ ଜଙ୍ଗଲରେ ରହିଥିବା ବେଳେ ବିଭିନ୍ନ ସମୟରେ କଲୋନୀ ବାସିନ୍ଦାଙ୍କ ବାଡ଼ି ବଗିଚା ବାଡ଼ ଭାଙ୍ଗି ଆମ୍ବ ପଣସ ଖାଇବା ସହିତ ବଗିଚା ନଷ୍ଟ କରୁଛି। ଏହାକୁ ନେଇ କଲୋନୀ ବାସିନ୍ଦା ଭୟରେ ରହିଛନ୍ତି। ହାତୀ ଯୋଗୁଁ ରେଙ୍ଗାଳି ବଜାର ଅନ୍ତର୍ଗତ ପଥଚାରୀଙ୍କ ମଧ୍ୟରେ ସୁରକ୍ଷିତ ଯାତାୟାତ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଜନବସତି ଅଞ୍ଚଳ ତଥା ଲୋକଙ୍କ ଚଳପ୍ରଚଳ ଅଞ୍ଚଳକୁ ହାତୀକୁ ନଆସିବା ପାଇଁ ଜଙ୍ଗଲ ବିଭାଗ ପଦକ୍ଷେପ ନେବାକୁ ଜନସାଧାରଣ ଦାବି ହୋଇଛି। ଏନେଇ ସହକାରୀ ବନ ସଂରକ୍ଷଣ ଅଧିକାରୀ ନୀଳମଣି ଦେହୁରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଉକ୍ତ ହାତୀଟି କୌଣସି କାରଣରୁ ଆହତ ହୋଇଥିଲା। ତା'ର ଚିକିତ୍ସା ସହିତ ସୁରକ୍ଷାକୁ ନେଇ ଜିପିଏସ୍ ଦ୍ୱାରା ଗତିବିଧି ଉପରେ ବନବିଭାଗ ନଜର ରଖିଛି। ରେଙ୍ଗାଳି ଅଞ୍ଚଳରେ ହାତୀଟି ଚାରିଦିନ ହେଲା ରହିଛି। ଲୋକଙ୍କ କ୍ଷତି କରିନାହିଁ, ଜଙ୍ଗଲ ଭିତରେ ରହିଥିବା ଖାଦ୍ୟ ପଦାର୍ଥ ଖାଉଛି। ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ସହିତ ମୁଁ ମଧ୍ୟ ରେଙ୍ଗାଳି ଅଞ୍ଚଳରେ ଅଛି ବୋଲି ସେ କହିଥିଲେ।

■ ଅସହ୍ୟ ହେଲା ପେଟ ଯନ୍ତ୍ରଣା

## ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମହତ୍ୟା

**ଢେଙ୍କାନାଳ, ୨।୬(ସମିସ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଖଲିବୋରେଇ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଅସହ୍ୟ ପେଟ ଯନ୍ତ୍ରଣା ସହି ନପାରି ଜଣେ ମହିଳା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ରାସୋଳ ଥାନା ଗୋବିନ୍ଦପୁର ଗ୍ରାମର ରୁଷିଆ ନାୟକ ୧୫ ବର୍ଷ ପୂର୍ବେ କଲାଙ୍ଗ ଗ୍ରାମର ବୈକୁଣ୍ଠ ବେହେରାଙ୍କ ଝିଅ ରମା ନାୟକ (୨୮)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଦୁଇ ବର୍ଷ ପରେ ରମାଙ୍କ ପେଟ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ସେ ସେହିଦିନ ଠାରୁ କଟକ ବଡ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଥିଲେ। ତାଙ୍କର ପେଟ ରୋଗ ସମ୍ପୂର୍ଣ୍ଣ ଭାବରେ ଭଲ ହେଉ ନଥିଲା ବେଳେ ଗତକାଲି ପେଟ ଯନ୍ତ୍ରଣା ଅସହ୍ୟ ହେବାରୁ ପଦାକୁ ଶୌଚହେବା ବାହାନାରେ ଘରୁ ପେଟ୍ରୋଲ ନେଇ ଦେହରେ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାରବର୍ଗ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅଜି ରମାଙ୍କ ମୃତ୍ୟୁ ହୋଇଥିଲା। ମୃତା ରମାଙ୍କ ମାଆ ଗୀତା ବେହେରାଙ୍କ ଲିଖିତ ଅଭିଯୋଗ କ୍ରମେ ରାସୋଳ ଥାନା ଏଏସ୍ଆଇ ପ୍ରଭାତ କୁମାର ରାଉତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ୧୦/୨୪ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବାର ଜଣାପଡ଼ିଛି।

## ବାହାନଗା ରେଳ ଦୁର୍ଘଟଣା; ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**କାମାକ୍ଷାନଗର, ୨।୬ (ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାକୁ ୧ ବର୍ଷ ପୂରଣ ହୋଇଛି। ଏହି ଅବସରରେ କାମାକ୍ଷାନଗର ସହରର ରାଇଡର୍ସ କ୍ଲବ ତରଫରୁ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ମୃତକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅନନ୍ତପୁର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ବାହାନଗା ମୃତକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ କାମାକ୍ଷାନଗର ସହରର ବିଶିଷ୍ଟ ରକ୍ତଦାତା ସଂଯୋଜକ ତଥା ସମାଜସେବୀ ହିମାଂଶୁ ଶେଖର ମହାପାତ୍ର, ତାପସ କୁମାର ନାୟକ, ଯୋଗେଶ୍ୱର ନାୟକ, ବିଶ୍ୱମ୍ଭର ସାହୁ, ନିରାକାର ନାୟକ, କେଦାରନାଥ ଜେନା, ବିକାଶ କୁମାର ବେହେରା, ଦେବରାଜ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅନୁଗୋଳ ଜିଲ୍ଲାରେ ରକ୍ତ ଅଭାବ ଦୂର ନେଇ ଆଲୋଚନା



**ଅନୁଗୋଳ, ୨।୬(ସମିସ):** ବର୍ତ୍ତମାନ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ରକ୍ତ ନ ପାଇ ଡହକବିକଳ ହେଉଛନ୍ତି। ବିଳମ୍ବରେ ହେଉପଛେ, ଆଜି ଅନୁଗୋଳର ସ୍ୱେଚ୍ଛାସେବୀ ରକ୍ତଦାତାମାନଙ୍କୁ ନେଇ ଅମଲାପଡ଼ାସ୍ଥିତ ବାଣୀରୂପା ଷ୍ଟଡି ସେଣ୍ଟର ପ୍ରାଙ୍ଗଣରେ ସାମାଜିକ ଅନୁଷ୍ଠାନ 'ଉତ୍କର୍ଷ ପରିବାର' ଆନୁକୂଲ୍ୟରେ ଏକ ରକ୍ତ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ କିଭଳି ରକ୍ତର ଅଭାବ ପରିଲକ୍ଷିତ ହେଉଛି, ବର୍ତ୍ତମାନ ରକ୍ତଦାନ କରିବା ପାଇଁ ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କିଭଳି ଭାବରେ କରାଯିବ, ମହିଳାମାନେ ରକ୍ତଦାନ କରିବା ପାଇଁ ଆଗକୁ କିଭଳି ଆସିବେ, ନିୟମିତ ଭାବରେ ରକ୍ତଦାନ ଶିବିର କିଭଳି ଆୟୋଜନ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଅନୁଗୋଳର ବିଶିଷ୍ଟ ସ୍ୱେଚ୍ଛାସେବୀ ଚିନ୍ମୟୀ ଦାସ, ପର୍ଶୁରାମ ଦାସ, ଶକ୍ତି ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ ଦେବତା, ଶିବାଶିଷ କର, କଳ୍ପତରୁ ବେହେରା, ଦୁଷ୍ମନ୍ତ କୁମାର ନାଥଙ୍କ ସହ ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଓଡ଼ିଶା ରକ୍ତଦାତା ସଂଗଠନର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଆଗାମୀ ଦିନରେ କିଭଳି ଭାବରେ ସରକାର ତଥା ଜିଲ୍ଲା ରକ୍ତଭଣ୍ଡାର ରକ୍ତଦାନ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜନ କରିବେ, ସେ ବିଷୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଆବେଦନ ପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

● ସ୍ୱଚ୍ଛତାକୁ ଅଣଦେଖା

## ଏଟିଏମ୍ ଆବର୍ଜନାରେ ଭର୍ତ୍ତି



**କଣିହାଁ ,୨।୬ (ସମିସ):** କଣିହାଁ ବଜାର ପୁରୁଣା ବସଷ୍ଟାଣ୍ଡ ସମ୍ମୁଖରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ୟୁକୋ ବ୍ୟାଙ୍କର ଏକ ଏଟିଏମ ରହିଛି। ଏଟିଏମର ବାହାର ଓ ଭିତର ଅଳିଆ ଆବର୍ଜନାରେ ଭରି ରହିଛି। ବ୍ୟାଙ୍କ କାରବାରକୁ ନେଇ ଏଟିଏମ ଉପରେ ନିର୍ଭର କରୁଥିବା ଉପଭୋକ୍ତ ଏଥିଯୋଗୁଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାରୁ ଜଣାଯାଏ ୟୁକୋ ବ୍ୟାଙ୍କ କଣିହାଁ ବ୍ଲକ ଅଞ୍ଚଳର ସର୍ବପୁରାତନ ବ୍ୟାଙ୍କ ହୋଇଥିବା ବେଳେ ଜମାକାରୀଙ୍କ ସଂଖ୍ୟା ସର୍ବାଧିକ ରହିଛି। ବହୁ ସମୟରେ ଜମାକାରୀମାନେ ଏଟିଏମକୁ ଯାଉଥିବା ବେଳେ ଅନେକ ବାର ଏଟିଏମରେ ଅର୍ଥ ନଥିବାରୁ ନିରାଶ ହୋଇ ଫେରିଥାନ୍ତି କିନ୍ତୁ କାରବାର ତଥ୍ୟ ଜାଣିବାକୁ କେବଳ ସ୍ଲିପ୍ ବାହାରିଥାଏ। ଏହି କାଗଜକୁ କିଏ ବାହାରେ ତ କିଏ ଭିତରେ ପକାଇ ଦେଇଥାନ୍ତି। ସୁରକ୍ଷା ଓ ସଫେଇ କର୍ମଚାରୀଙ୍କ ଅଭାବରୁ ଏଠାରେ ଏମିତି ଅଳିଆ ଆବର୍ଜନା ଜମା ହେଉଛି। ଗୋଟିଏ ଦିନ ପୂର୍ବରୁ ସ୍ୱଚ୍ଛତା ପକ୍ଷ ବିଭିନ୍ନ ସଂସ୍ଥା ତରଫରୁ ପାଳନ କରାଯାଇଥିବା ବେଳେ ଏଠାରେ ବ୍ୟତିକ୍ରମ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାରାଜା ସୋମନାଥ ସିଂହ ଜଗଦେବଙ୍କ ଶହୀଦ ଦିବସ ପାଳିତ



**ଅନୁଗୋଳ, ୨।୬ (ସମିସ):** ଅନୁଗୋଳର ମହାରାଜା ସୋମନାଥ ସିଂହ ଜଗଦେବଙ୍କ ଶହୀଦ ଦିବସ ସ୍ମୃତି କମିଟି ଓ ପୌରପାଳିକା, ଅନୁଗୋଳର ମିଳିତ ଉଦ୍ୟମରେ ପାଳିତ ହୋଇଛି। ରାଜାଛକ ଠାରେ ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ସଭା ଉପସଭାପତି ହେମନ୍ତ କୁମାର ଦାଶ କର୍ତ୍ତାଭାବେ ଯୋଗଦେଇ ସମାପନ କରିଥିଲେ। ପଣ୍ଡିତ ହଳଧର ରାଜଗୁରୁ କର୍ମକାଣ୍ଡାଦି ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ପ୍ରତିଷ୍ଠାତା ଗୋବିନ୍ଦ ରାଜଗୁରୁ, ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ବନବିହାରୀ ପଟ୍ଟନାୟକ, ପ୍ରକାଶ କୁମାର ସିଂହ, ବିଜୟ କୁମାର ସାହୁ (ଜିଲ୍ଲା ସଭାପତି, ଆର୍.ଏସ୍.ଏସ୍), ଜିତେନ୍ଦ୍ର କୁମାର ମହାପାତ୍ର (ସିଟିଜେନ୍ ଫୋରମ୍ ସଭାପତି, ତାଳଚେର), ଡ. କୁଳମଣି ନାୟକ, ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଶେଷରେ କୋଷାଧ୍ୟକ୍ଷ ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦାମୋଦର ଦାସ, ନିରୋଦଚନ୍ଦ୍ର ପାଳ, ପ୍ରଦ୍ୟୁମ୍ନ କୁମାର ନାଏକ, ସନ୍ତୋଷ କୁମାର ଦାସ, ଆଡଭୋକେଟ୍ ରୋହିତ କୁମାର ବେହେରା, ଲମ୍ବୋଦର ବେହେରା, ପୁରୁଷୋତ୍ତମ ସିଂହସାମନ୍ତ, କବିଜ୍ୟୋତି ନିରଞ୍ଜନ ପତି, ରବୀନ୍ଦ୍ର କୁମାର ମହାରଣା, ଶରତ କୁମାର ମାଝୀ, ପର୍ଶୁ କୁମାର ଦାଶ, ନିମାଇଁଚରଣ ସାହୁ, ସନ୍ତୋଷ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ଧର, ଅଚ୍ୟୁତାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବଳଦେବଜୀଉ ମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ



**ଢେଙ୍କାନାଳ, ୨।୬ (ସମିସ):** ସ୍ଥାନୀୟ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଜଳକ୍ରୀଡ଼ା ଏକାଦଶୀ ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ପ୍ରାତଃରୁ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି, ସ୍ନାନ, ବସ୍ତ୍ର, ତୁଳସୀ ହାର, ଫୁଲହାର ଲାଗି କରାଯାଇଥିଲା। ବଲ୍ଲଭ ଭୋଗ ୧୦ଟା ବେଳେ, ଖେଚୁଡ଼ି ଭୋଗ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି, ରାତ୍ରରେ ରାତ୍ରଧୂପ ପରେ ଏକାଦଶୀ ବେଢ଼ା ପରେ ମହାଦୀପ ଉଠିବ, ପହଡ଼ ପଡ଼ିବ। ପୂଜକ ଶ୍ରୀବସ୍ତ ମିଶ୍ର, ପାଳିଆସେବକ ଶମ୍ଭୁନାଥ ମହାପାତ୍ର, ପାଳିଆ ସେବକ ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ଜଳକ୍ରୀଡ଼ା ଏକାଦଶୀ ପାଳନ କରାଯାଇଛି।



## ହାତୀ ଆକ୍ରମଣରେ ମହିଳା ମୃତ

**ଢେଙ୍କାନାଳ ୨୬(ସମିସ) :** ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଭାପୁର ସେକ୍ସନ ଝୁମ୍ପୁଡ଼ିଆ ଗ୍ରାମରେ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ଜନୈକା ମହିଳା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଘଟଣାରୁ ଜଣାପଡ଼ିଛି ଯେ, ଝୁମ୍ପୁଡ଼ିଆ ଜୁଆଙ୍ଗ ସାହିର ପିଙ୍କି ପଧାନ(୪୫) ରବିବାର ଭୋର ସମୟରେ ଗ୍ରାମ ନିକଟରେ ଥିବା ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଆମ୍ବ ଗୋଟାଉଥିବା ବେଳେ ସେଠାରେ ଥିବା ଏକ ହାତୀ ସମ୍ମୁଖରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ଅନ୍ୟମାନେ ଏହା ଦେଖି ପରିବାର ବର୍ଗଙ୍କୁ ଖବର ଦେବା ପରେ ପରିବାର ଲୋକ ସେଠାରେ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଖବରପାଇ ପୁଲିସ ଏବଂ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ମୃତ



**କାମାକ୍ଷାନଗର, ୨୬ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଦେଇ ଯାଇଥିବା ୫୩ ନଂ. ଜାତୀୟ ରାଜପଥର ବଡ଼ସୁଆଁଳ ନିକଟରେ ଟ୍ରକ୍ ଦୁର୍ଘଟଣାରେ ଜନୈକ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶନିବାର ବିଳମ୍ବିତ ରାତ୍ରିରେ ବଡ଼ସୁଆଁଳ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ ଦୁର୍ଘଟଣା ଘଟାଇଥିଲା। ଏହି ଦୁର୍ଘଟଣାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ବିଶ୍ୱଜିତ ଜେନା ବୋଲି ଜଣାପଡ଼ିଛି। ମୃତ ଶରୀର କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଥିବା ବେଳେ କାମାକ୍ଷାନଗର ଥାନା ପୁଲିସ ପହଞ୍ଚି ଏହା ଉପରେ ତଦନ୍ତ ଜାରି ରଖିଛି।

## ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ ଭୋଟ୍ ଗଣତି ପାଇଁ ପ୍ରସ୍ତୁତି ଶେଷ

**ଢେଙ୍କାନାଳ,୨୬(ସମିସ):** ଢେଙ୍କାନାଳ ଜିଲ୍ଲାରେ ଏକକାଳୀନ ଭୋଟ ଗଣତି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଭୋଟ ଗଣତିକୁ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ଗତ ୨୫ ତାରିଖ ମତଦାନ ପରେ ଆସନ୍ତା ୪ ତାରିଖ ଦିନ ଭୋଟ ଗଣତି ହେବ। ଭୋଟ ଗଣତି ନିମନ୍ତେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ପାଇଁ ମହିଷାପାଟ ସ୍ଥିତ ଇଭିଏମ୍ ୱେର ହାଉସ, ହିନ୍ଦୋଳ ପାଇଁ ହିନ୍ଦୋଳ ଉଚ୍ଚ ବିଦ୍ୟାଳୟ, କାମାକ୍ଷାନଗର ଏବଂ ପରଜଙ୍ଗ ପାଇଁ କାମାକ୍ଷାନଗର ମହାବିଦ୍ୟାଳୟରେ ଭୋଟ ଗଣତିର ବ୍ୟବସ୍ଥା କରାଯାଇଛି। ପ୍ରତିଟି ଗଣତି କେନ୍ଦ୍ରରେ ୧୦ଟି ଟେବୁଲ ଲୋକସଭା ପାଇଁ ଏବଂ ୧୦ଟି ବିଧାନସଭା ପାଇଁ କରାଯାଇଛି। ସମୁଦାୟ ୪ଟି ନିର୍ବାଚନ ମଣ୍ଡଳୀ ପାଇଁ ୮୦ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ସମସ୍ତ ପୋଷ୍ଟାଲ ବାଲଟ ଲୋକସଭା ପାଇଁ ୨୦ଟି ଏବଂ ବିଧାନସଭା ପାଇଁ ୧୭ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ସେହିପରି ଢେଙ୍କାନାଳ ଗଣତି କେନ୍ଦ୍ରରେ ୨୮ ରାଉଣ୍ଡ, ହିନ୍ଦୋଳ ୨୭ ରାଉଣ୍ଡ, କାମାକ୍ଷାନଗର ୨୪ ଏବଂ ପରଜଙ୍ଗ ପାଇଁ ୨୫ରାଉଣ୍ଡରେ ଭୋଟ ଗଣତି ହେବ ବୋଲି ଜଣାପଡ଼ିଛି। ଭୋଟ ଗଣତି ପାଇଁ ୪୦୩ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୧୨୭ଜଣ ମାଇକ୍ରୋ ଅବଜରଭର, ୧୧୭ ଜଣ କାଉଣ୍ଟିଂ ସୁପରଭାଇଜର, ୧୫୯ କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ୩୭ଜଣ ଏଆରଓଙ୍କୁ ନିୟୋଜିତ କରାଯାଇଛି। ସମସ୍ତ ଭୋଟ ଗଣତି କେନ୍ଦ୍ରରେ ବିଭିନ୍ନ ଦଳ ତରଫରୁ କଡ଼ା ନଜର ରଖାଯାଇଛି।

ପ୍ରାଚୀନ ଶୈବପୀଠ କପିଳାସରେ ଜଳଉତ୍ସ ଶୁଖିଲା

# ପ୍ରଭୁଙ୍କ ନୀତିକାନ୍ତି ସହ ଶ୍ରଦ୍ଧାଳୁଙ୍କ ପାଇଁ ପାଣି ସଂକଟ

ଢେଙ୍କାନାଳ, ୨୬ (ସମିସ)

ରାଜ୍ୟର ପ୍ରାଚୀନ ପ୍ରସିଦ୍ଧ ଶୈବପୀଠ କପିଳାସରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଆବହମାନ କାଳରୁ ବହିଆସୁଥିବା ଚିରସ୍ରୋତା ଝରଣା ଏବେ ଶୁଷ୍କ ହୋଇପଡ଼ିବାରୁ ପ୍ରଭୁଙ୍କ ନୀତିକାନ୍ତି ସହ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳର ଘୋର ସଙ୍କଟ ଏଠାରେ ଦେଖାଦେଇଛି।

ରାଜ୍ୟ ତଥା ଜିଲ୍ଲାର ପ୍ରମୁଖ ପ୍ରାଚୀନ ଶୈବପୀଠ ଭାବରେ ପରିଚିତ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ ପାଇଁ ଜଳ ସଙ୍କଟ ଏବେ ସମସ୍ତ ସେବାୟତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସମୁଦ୍ର ପତନ ଠାରୁ ପ୍ରାୟ ୨ ହଜାର ୨୩୯ ଫୁଟ ଉଚ୍ଚତାରେ ରହିଥିବା ଏହି ମନ୍ଦିରଟିକୁ ଖ୍ରୀଷ୍ଟପୂର୍ବ ୧୨୪୬ ମସିହାରେ ଗଙ୍ଗବଂଶର ସମ୍ରାଟ ପ୍ରଥମ ନରସିଂହ ଦେବ ନିର୍ମାଣ କରିଥିଲେ। କପିଳାସ ମୁଖ୍ୟ ମନ୍ଦିରର ଦୁଇପାର୍ଶ୍ୱରେ ଦୁଇଟି କୁଣ୍ଡ ରହିଛି। ଦକ୍ଷିଣ ପାର୍ଶ୍ୱରେ ମରିଚି କୁଣ୍ଡ ଏବଂ ବାମ ପାର୍ଶ୍ୱରେ ପୟାମୃତ କୁଣ୍ଡ ରହିଛି। ଏହି ଦୁଇ କୁଣ୍ଡର ଜଳକୁ ବିଭିନ୍ନ ରାଜ୍ୟର ଭକ୍ତମାନେ ଅତି ଭକ୍ତିର ସହିତ ପାନ









- ପ୍ରତିଦିନ ପୂଜାର୍ଚ୍ଚନା ପାଇଁ ୧୫୦ ଗରା ପାଣିର ଆବଶ୍ୟକ ରହିଛି
- ସ୍ୱତନ୍ତ୍ର ଭାବେ ନିର୍ମିତ କୂଅ ପୟାମୃତ କୁଣ୍ଡରେ ପର୍ଯ୍ୟାପ୍ତ ଜଳ ନାହିଁ
- ଜଳଉତ୍ସ ଶୁଖିଗଲାଣି; ବନୀକରଣକୁ ଗୁରୁତ୍ୱ ଦିଆଯିବା ଜରୁରୀ

କରିଥାନ୍ତି। କପିଳାସ ପୀଠରେ ଶତାଧିକ ବର୍ଷ ଧରି ଝରଣା ଗୁଡିକ ପ୍ରବାହିତ ହୋଇଥାଏ। ଏହି ପୀଠରେ ବର୍ଷତମାମ ଭକ୍ତମାନଙ୍କର ଭିଡ଼ ଲାଗିରହିଥିବା ବେଳେ ୧୨୫୨ ପାହାଚ କିମ୍ବା ୧୨ ବାଙ୍କ ଦେଇ ସେଠାରେ ପହଞ୍ଚିବାକୁ ପଡ଼ିଥାଏ। କିନ୍ତୁ ଏବେ କପିଳାସ ପୀଠରେ ଜଳସଙ୍କଟ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପ୍ରବାହିତ ଚିରସ୍ରୋତା ଝରଣା ଜଳ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗ୍ରୀଷ୍ମରେ ଏହି ସମସ୍ୟା ଉତ୍କଟ ହେଉଛି। ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଦୈନନ୍ଦିନ ନୀତିକାନ୍ତି ପାଇଁ ଜଳ ଅଭାବ ସହ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ଠାରେ ହେବାକୁ ଥିବା ଏକ ମାସ ଧରି ଅହରହ ଜଳଲାଗି ପର୍ବ ହୋଇପାରିଲା ନାହିଁ। ଆରମ୍ଭରୁ ୫ ଦିନ ହେବା ପରେ ଝରଣା ଜଳ ଶୁଖିଯିବାରୁ ତାହା ବନ୍ଦ ରହିଲା। କପିଳାସ ପୀଠରେ ଆବହମାନ କାଳରୁ ବହିଆସୁଥିବା ଝରଣା ଜଳ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଜଳହ୍ରାସ ପାଇବା ଯୋଗୁ ଦୈନନ୍ଦିନ ପୂଜାରେ ବ୍ୟାଘାତ ସୃଷ୍ଟି ହେଉଛି। ପ୍ରତ୍ୟେକ ଦିନ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପୂଜାର୍ଚ୍ଚନା ପାଇଁ ୪୦ ଗରା ପାଣିର ଆବଶ୍ୟକତା ରହିଛି। ଦୈନିକ ତିନି ଧୂପ ଏବଂ ୫ଟି ଅବକାଶ ରହିଥିବା ବେଳେ ସେହି ଅନୁସାରେ ଦୈନିକ ୧୫୦ଗରା ଜଳର ଆବଶ୍ୟକତା ରହିଥାଏ। ପ୍ରତ୍ୟେକ ଥର ପୂଜାର୍ଚ୍ଚନା ପୂର୍ବରୁ ପ୍ରଭୁଙ୍କ ସ୍ନାନ ପାଇଁ ସମଗ୍ର ମନ୍ଦିରକୁ ଧୋଇ ପରିଷ୍କାର ପରିଚ୍ଛନ୍ନ କରାଯାଇଥାଏ। କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ କୂଅ ପୟାମୃତ କୁଣ୍ଡର ଜଳଲାଗି କରାଯାଇଥାଏ। ପୂଜକମାନେ ପ୍ରତିଦିନ ଗରାରେ କୁଣ୍ଡରୁ ଜଳସଂଗ୍ରହ କରି ଦଅଁଙ୍କ ପୂଜାର୍ଚ୍ଚନା କରିଥାନ୍ତି। କିନ୍ତୁ ସେହି କୁଣ୍ଡଟିରେ ଆବଶ୍ୟକ ପରିମାଣର ଜଳ ନଥିବାରୁ ନୀତିକାନ୍ତିରେ ବ୍ୟାଘାତ ସୃଷ୍ଟି ହେଉଛି। ପୟାମୃତ କୁଣ୍ଡର ଗରା ବୁଡ଼ିବା ସମ୍ଭବପର ହେଉନାହିଁ। ସେବକମାନେ ବହୁକଷ୍ଟରେ ଜଳ ସଂଗ୍ରହ କରି ପୂଜା କରିଥାନ୍ତି। କେବଳ ବିଧି ରକ୍ଷାପାଇଁ ଜଳ ମିଳୁଥିବାରୁ ପୂଜକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କପିଳାସ ପୀଠର ପାବଛ ଦେଇ ବହୁ ପୂର୍ବରୁ ଝରଣାରେ ପ୍ରଚୁର ଜଳ ପ୍ରବାହିତ ହେଉଥିବା ବେଳେ କିଛିବର୍ଷ ଧରି ପାଣି ଅଭାବରୁ ସମସ୍ତ ପ୍ରକାରର ସମସ୍ୟା ଦେଖାଦେଇଛି। କପିଳାସ ପୀଠର ନାରାୟଣ ମନ୍ଦିର ଉପର ପାର୍ଶ୍ୱ ଏବଂ ତମାଳ ଗଛ ନିକଟରେ ଛୋଟ ଛୋଟ ଅନେକ ଜଳ ଉତ୍ସ ବାହାରିଛି। ସେଗୁଡିକ ତଳେ ଆସି ନାରାୟଣଙ୍କ ମନ୍ଦିର ପାର୍ଶ୍ୱରେ ଥିବା ସ୍ନାନ କୁଣ୍ଡ, ମୁଖ୍ୟ ମନ୍ଦିର ପାଖରେ ଥିବା କୁଣ୍ଡକୁ ଜଳ ଗଚ୍ଛିତ ହେଉଛି। କପିଳାସ ପୀଠରେ ରହିଥିବା ସ୍ନାନ କୁଣ୍ଡକୁ ପୂର୍ବରୁ ଯେଉଁ ପାରିମାଣରେ ପାଣି ଆସୁଥିଲା, ତାହା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ସେହିପରି ପାହାଚ ପାର୍ଶ୍ୱରେ ଭୀମ ଲଙ୍ଗଳ ସିଆର ଦେଇ ସୀତାରାମ ମଠ ପର୍ଯ୍ୟନ୍ତ ପ୍ରବାହିତ ହେଉଥିବା ଜଳ ଏବେ ଧୀରେ ଧୀରେ ଗ୍ରୀଷ୍ମ ଋତୁରେ ସମ୍ପୂର୍ଣ୍ଣ ଭାବରେ ଶୁଖି ଯାଉଛି। ସେହିପରି ମାତା ମଠ ନିକଟରେ ଥିବା ଝରଗୁଡିକ ପୋତିହୋଇଯିବାରୁ ଝରଣା ଜଳ ସେଠାରେ ପ୍ରବାହିତ ହୋଇପାରୁନାହିଁ। ମୁଖ୍ୟତଃ ମୃତ୍ତିକା କ୍ଷୟ ଏବଂ ଜଙ୍ଗଲ ହ୍ରାସ ଯୋଗୁ ଜଳସ୍ତର ହ୍ରାସ ପାଉଥିବା ଜଣାପଡ଼ିଛି। ଛୋଟ ଛୋଟ ଝରଣାଗୁଡିକ ପ୍ରବଳ ସୂର୍ଯ୍ୟକିରଣ ଯୋଗୁ ଶୁଖି ଯାଉଥିବା ବେଳେ ଜଙ୍ଗଲ ହ୍ରାସ ଯୋଗୁ ସିଧାସଳଖ ଭାବରେ ଝରଣା ଉପରେ ଖରା ପଡ଼ିବାରୁ ଅଧିକ ପରିମାଣର ବାଷ୍ପିଭବନ ହୋଇ ଜଳ ଶୁଖିଯାଉଛି। ଚୈତ୍ର ବିଶୁବ ପଣାସଂକ୍ରାନ୍ତୀ ଦିନଠାରୁ ବୃଷ ସଂକ୍ରାନ୍ତୀ ପର୍ଯ୍ୟନ୍ତ ପ୍ରତିଦିନ ଜଳଲାଗି କରାଯାଉଥିବା ବେଳେ ପ୍ରତିବର୍ଷ ଜଳର ସମସ୍ୟା ଲାଗିରହୁଛି। ଜଳଲାଗି ପାଇଁ ଏକ ନୂତନ ବାଉଁଶକୁ ଦୁଇ ଫାଳ କରି ଡଙ୍କି ଆକାରର କରାଯାଇଥାଏ। ଏହି ବାଉଁଶ ମହାପ୍ରଭୁଙ୍କ ମସ୍ତକ ପାଖରୁ ସମ୍ମୁଖ ଭାଗରେ ଥିବା ଭୋଗମଣ୍ଡପର ଝରଣା ଜଳ ସଂଯୋଗ ହୋଇଥାଏ। ଝରଣା ଜଳ ସେହି ବାଉଁଶ ଫାଳ ଦେଇ ପ୍ରଭୁଙ୍କ ଉପରେ ଅହରଣ ପ୍ରବାହିତ ହେଉଥାଏ। ଚଳିତ ବର୍ଷ ମହାବିଷୁବ ପଣା ସଂକ୍ରାନ୍ତୀ ଠାରୁ ମାତ୍ର ୫ଦିନ ଜଳ ପ୍ରବାହିତ ହେବା ପରେ ତାହା ବନ୍ଦ ହୋଇଯାଇଛି। ଫଳରେ ପ୍ରଭୁଙ୍କ କାର୍ଯ୍ୟରେ ବ୍ୟାପକ ବିଭ୍ରାଟ ସୃଷ୍ଟି ହେଉଛି। ଏଭଳି ସମସ୍ୟାକୁ ନେଇ ପୂର୍ବତନ ବିଧାୟକ ତଥା ବ୍ରାହ୍ମଣୀ ଅଞ୍ଚଳ ପରିଷଦର ସଭାପତି ବିଭୁଦେନ୍ଦ୍ର ପ୍ରତାପ ଦାସ ଓଡ଼ିଶା ଜଙ୍ଗଲ ଏବଂ ପରିବେଶ ବିଭାଗର ଅତିରିକ୍ତ ଚିଫ୍ ସେକ୍ରେଟାରୀଙ୍କୁ ଗତ ୨୦୨୩ ଏପ୍ରିଲ ୨୩ ତାରିଖରେ କପିଳାସ ପୀଠର ସୁରକ୍ଷା ଏବଂ କିଆଗଛ ଲଗାଇବାକୁ ନିବେଦନ କରିଥିଲେ। ଏହାକୁ ନେଇ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ମଧ୍ୟ ଜଣାଇଥିଲେ। ଏହା ପରେ ଜଙ୍ଗଲ ବିଭାଗ ତରଫରୁ ପଦକ୍ଷେପ ନେବାକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଦିନକୁ ଦିନ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହି ପ୍ରାଚୀନ ଶୈବପୀଠର ଚତୁଃପାର୍ଶ୍ୱରେ ବନୀକରଣ କରାଗଲେ ଜଳସ୍ରୋତ ପୁଣି ଫେରି ଆସିବ ବୋଲି ଜଣାପଡ଼ିଛି।



■ କପିଳାସ ପର୍ବତମାଳାର ସଦର ଓ ଗଁଦିଆ ବ୍ଲକ ମଧ୍ୟରେ ପରିବ୍ୟାପ୍ତ କପିଳାସ ଜଙ୍ଗଲ ତା'ର ଜୈବ ବିବିଧତା କାରଣରୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଗତ ୨୦୧୧ରୁ ଆଜକୁ ୧୩ବର୍ଷ ଧରି ଅଭୟାରଣ୍ୟର ମାନ୍ୟତା ପାଇଛି। ସେଥିପାଇଁ ଆର୍ଥିକ ଅନୁଦାନ ମଧ୍ୟ ମିଳିଛି। ମାତ୍ର ଦୁଃଖର କଥା ଚିରସ୍ରୋତା କପିଳାସ ଝରଣାର ଅଭିବୃଦ୍ଧି ଓ ସଂରକ୍ଷଣ ଦିଗରେ ବିଶେଷ କିଛି କାର୍ଯ୍ୟ କରାଯାଇ ନାହିଁ। ଯାହାଫଳରେ ପ୍ରତିବର୍ଷ ଗ୍ରୀଷ୍ମ କାଳରେ ଝରଣାର ଜଳସ୍ରୋତ କ୍ଷୀଣ ହେଉଛି। ୭ଶହ ବର୍ଷର ଶ୍ରୀ ଚନ୍ଦ୍ରଶେଖର ଜିଉଙ୍କ ପୂଜାର୍ଚ୍ଚନା ଦିଗରେ ଜଳର ଉପଲବ୍ଧତା କମି କମି ଯାଉଛି। ଏଥିପାଇଁ ପର୍ବତମାଳାର ଦେବସଭା ସର୍ବୋଚ୍ଚ ସମତଳ ଅଞ୍ଚଳର ନିମ୍ନକୁ ଥିବା ଓ ଝରଣାର ଉତ୍ପତ୍ତି ସ୍ଥଳରେ ବ୍ୟାପକ କିଆ, କଦଳୀ ଏବଂ ଜଳ ସଂରକ୍ଷଣକାରୀ ବିଶେଷ ପ୍ରଜାତିର ବୃକ୍ଷଲତା ରୋପଣର ଆବଶ୍ୟକତା ରହିଛି। ଏହାର ଅଭାବରୁ ଝରଣାର ଜଳସ୍ରୋତକୁ ଅକ୍ଷୁର୍ଣ୍ଣ ରଖାଯାଇ ପାରୁନାହିଁ। ଆନ୍ତରିକତାର ସହ ଏହି କାର୍ଯ୍ୟ କରାଗଲେ ଜଳାଭାବକୁ ଦୂର କରାଯାଇପାରିବ। ଏଥିପାଇଁ ବିଶେଷ କରି କିଆ ଗଛର ସାନ୍ଦ୍ରତା ରକ୍ଷା ଅତିବ ଜରୁରୀ।

**- ପ୍ରକୃତିବନ୍ଧୁ ପ୍ରଦ୍ୟୁମ୍ନ ରଥ**

## କୋଇଲା ବୋଝେଇ ରେଳଡବାରେ ଅଗ୍ନିକାଣ୍ଡ

କାମାକ୍ଷାନଗର,୨୬ (ସମିସ):

କାମାକ୍ଷାନଗର ରେଳଷ୍ଟେସନରେ ରବିବାର ଦିନ ୧ଟା ସମୟରେ ରେଳ ଧାରଣାରେ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ରେଳର ଗୋଟିଏ ଡବାରେ ଅଗ୍ନିକାଣ୍ଡ ଘଟି ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ରେଳ କର୍ତ୍ତୃପକ୍ଷ ବଗିରୁ ଧୂଆଁ ବାହାରୁଥିବା ଦେଖିବା ପରେ ତୁରନ୍ତ କାମାକ୍ଷାନଗର ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହି ନିଆଁକୁ ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି।



● ଗଣ୍ଡାନାଳୀ ବଜାରର ନୂତନ କର୍ମକର୍ତ୍ତା

## ଗଣେଶ୍ୱର ସଭାପତି, ଅନୀଲ ସମ୍ପାଦକ

ଢେଙ୍କାନାଳ, ୨୬(ସମିସ) : ଢେଙ୍କାନାଳ ଜିଲ୍ଲାର ରାସୋଳ ଗଣ୍ଡାନାଳୀ ବଜାର ବ୍ୟବସାୟ ପ୍ରତିଷ୍ଠାନର ସାଧାରଣ ବୈଠକରେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତି ଭାବେ ଗଣେଶ୍ୱର ଖୁଣ୍ଟିଆ ଓ ସମ୍ପାଦକ ଭାବେ ଅନୀଲ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ପରିଚାଳନା କମିଟିକୁ ମାନସ ସାହୁ, ମଦନ ସାହୁ, ବାବୁଲା ସ୍ୱାଇଁ, ମୁନା ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରତାପ ବାରିକ, ପ୍ରଶାନ୍ତ ସ୍ୱାଇଁ ଓ ଶ୍ରୀନିବାସ ବାରିକ ଚୟନ ହୋଇଛନ୍ତି। ସେହିପରି ଉପଦେଷ୍ଟା କମିଟିକୁ ସୌଭାଗ୍ୟ ରଞ୍ଜନ ସର, ବିଜୟ କୁମାର ରାଉତ, ଭାଗବତ ଘଡ଼େଇ ଓ ବିଦ୍ୟାଧର ସାହୁଙ୍କୁ ମନୋନୀତ କରାଯାଇଛି।

● ଗଛରେ ପିଟିହେଲା ଟ୍ରକ୍

## କଟର ସାହାଯ୍ୟରେ ଡ୍ରାଇଭର ଉଦ୍ଧାର



**ଢେଙ୍କାନାଳ,୨୬(ସମିସ) :** ଢେଙ୍କାନାଳ ସହରଠାରୁ ଶଙ୍କରପୁର ଯାଇଥିବା ରାସ୍ତାରେ ଏକ ଟ୍ରକ୍ ଗଛରେ ପିଟି ହୋଇଥିବା ବେଳେ ଡ୍ରାଇଭରକୁ କଟର ସାହାଯ୍ୟରେ କାଟି ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିଥିବାର ଜଣାପଡ଼ିଛି।

କଟକରୁ ଢେଙ୍କାନାଳ ଆଡ଼କୁ ଆସୁଥିବା ଏକ ଆଇଚର ଆଲୁମୁନିୟମ ବୋଝେଇ ଟ୍ରକ (ଓଡି ୦୨ ବିଆର ୦୯୫୨) ଦ୍ରୁତ ଗତିରେ ଶଙ୍କରପୁର ରାସ୍ତାରେ ଯାଉଥିବା ବେଳେ ସପ୍ତଶଯ୍ୟା ପୂର୍ବରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଟ୍ରକଟି ଭୀଷଣ ଭାବରେ ପିଟିହେବାରୁ ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବରେ ଚୁରମାର ହେବା ସହିତ ଗାଡ଼ିର ଷ୍ଟିୟରିଂରେ ଡ୍ରାଇଭର ଚାପି ହୋଇଯାଇଥିଲେ। ଖବର ପାଇ ଢେଙ୍କାନାଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାଇଡ୍ରୋଲିକ ମେସିନ ଏବଂ କଟର ସାହାଯ୍ୟରେ ଅକ୍ଲାନ୍ତ ପରିଶ୍ରମ କରି ବହୁ ସମୟ ପରେ ତାକୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ଡ୍ରାଇଭର ସୁସ୍ଥଥିବା ବେଳେ ତାଙ୍କର କୌଣସି କ୍ଷତି ହୋଇନଥିବା ମୁଖ୍ୟ ଆଗ୍ନିକ ପ୍ରଦ୍ୟୁମ୍ନ କୁମାର ବେହେରା ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି। ଆହତ ହୋଇଥିବା ଡ୍ରାଇଭରର ନାମ ସଞ୍ଜୟ ପ୍ରଧାନ(୩୨) ବୋଲି ଜଣାପଡ଼ିଛି।

# ଆମେଚର ତାଇକୋଣ୍ଡୋ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ

ଢେଙ୍କାନାଳ, ୨୬ (ସମିସ)

ସ୍ଥାନୀୟ ମହାବୀର ବଜାରସ୍ଥିତ ମମତା ମଣ୍ଡପ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ଥିବା ପ୍ରଶିକ୍ଷଣ କେନ୍ଦ୍ରଠାରେ ଅଗ୍ରଣୀ ସମରକଳା ଅନୁଷ୍ଠାନ ଆମେଚର ତାଇକୋଣ୍ଡୋ ଆସୋସିଏସନ ଓ ଗୁରୁଦେବଜୀ ଫାଉଣ୍ଡେସନ୍ ସହଯୋଗରେ ଗୁରୁଦେବଜୀ ଗୁରୁକୁଳ ପକ୍ଷରୁ ୧୧ ଦିନିଆ ନିଃଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ଓ ମହିଳା ଆତ୍ମରକ୍ଷା କର୍ମଶାଳା ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଶିବିରକୁ ବରିଷ୍ଠ ନାଟ୍ୟକାର ତଥା ବ୍ୟଙ୍ଗକବି ଶତ୍ରୁଘ୍ନ ମାଟି ଓ ଯୋଗଗୁରୁ ପ୍ରଳୟ ଦାସ ଉଦଘାଟନ କରିଥିଲେ। ଏଥିରେ ସମସ୍ତ ଏକ୍ସପର୍ଟ କୋଚ୍ ଓ ପ୍ରଶିକ୍ଷକମାନେ ଉପସ୍ଥିତ ରହି ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଏହି ଉଦ୍ଘାଟନୀ ଉତ୍ସବରେ ଅଭିଭାବକମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରକାଶ କରିବା ସହିତ ଶିକ୍ଷାର୍ଥୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଏହି ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଉକ୍ତ ଶିବିରରେ କ୍ରୀଡ଼ା ସହ କଳା ଓ ସଂସ୍କୃତିର ଉନ୍ନତି ପାଇଁ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଗୀତା ପାଠ, ଆତ୍ମରକ୍ଷା କୌଶଳ, ଶାରୀରିକ ବ୍ୟାୟାମ୍, ଯୋଗ, ତାଇକୋଣ୍ଡୋ, ପେନକାକ୍ ସିଲାଟ, ସୁଇମିଂ, ଟ୍ରେକିଂ, ସାଇକେଲିଂ, ସ୍କେଟିଂ, ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ଅଭିନୟ, ନୃତ୍ୟ, ସଙ୍ଗୀତ, ଦକ୍ଷତା ବିକାଶ ଓ ମାନସିକ ବିକାଶ ପାଇଁ ବିଭିନ୍ନ ପ୍ରଶିକ୍ଷକଙ୍କ ଦ୍ୱାରା ସତନ୍ତ୍ର ଶ୍ରେଣୀରେ ଶିକ୍ଷା ପ୍ରଦାନ କରାଯିବ ବୋଲି ଆସୋସିଏସନର ସମ୍ପାଦକ ଶ୍ରୀ ସାହୁ ମତ ପ୍ରକାଶ କରିଛନ୍ତି। ଏହି ଶିବିରରେ ୮୦ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିବା ସୂଚନା ରହିଛି। ଶିବିରଟି ଚଳିତ ମାସ ୧୨ ତାରିଖରେ ଶେଷ ହେବ। ଏଥିରେ କୃତିତ୍ୱ ହାସଲ କରିବା ଛାତ୍ରଛାତ୍ରୀମାନଙ୍କୁ ଶେଷରେ ପୁରସ୍କୃତ କରାଯିବ। ପ୍ରଥମ ଦିନରେ ଯୋଗ, ମହିଳା ଆତ୍ମରକ୍ଷା କୌଶଳ, ଜୁମ୍ବା, ବାୟାମ୍ ଓ ତାଇକୋଣ୍ଡୋ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରଶିକ୍ଷକ ଡାର୍ଲିନ୍ ଡାଲ୍ଟନ୍, ଇନ୍ଦ୍ରଜିତ ସାହୁ, ପ୍ରତାପ ନାଏକ, ଆଦିତ୍ୟ ଘୋଷ ଓ ଗୁରୁଦେବଜୀ ଫାଉଣ୍ଡେସନ୍ର ରବୀନ୍ଦ୍ର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ନିର୍ବାଚନ ଡ୍ୟୁଟି ସାରି ଫେରିବା ବେଳେ ସିରିଜ୍ ଦୁର୍ଘଟଣା; ୩ ଗୁରୁତର

ରାଜକନିକା, ୨।୬(ସମିସ)

ନିର୍ବାଚନ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଭାରିଗଦା- ବରୁଣାଡିହା ରାଜ୍ୟ ସଡ଼କରେ ଆଜି ସକାଳୁ ଦୁର୍ଘଟଣାରେ ୨ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଜଣେ ଆଲବମ ଅଭିନେତ୍ରୀ ଙ୍କ ସମେତ ୩ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମିଳିଥିବା ଖବର ମୁତାବକ ଏହି ଦୁର୍ଘଟଣାରେ ନିର୍ବାଚନ ଡ୍ୟୁଟି ସାରି ଘରକୁ ଫେରୁଥିବା କନିକା ହାଇସ୍କୁଲର ଖେଳ ଶିକ୍ଷକ ସୁରେଶ ରାଉତ ଓ ସଂସ୍କୃତ ଶିକ୍ଷୟିତ୍ରୀ ସ୍ନେହଲତା ମହାଲିକ ଏବଂ ଡାଏଣିଗିରି ଗାଁ ର ଆଲବମ ଅଭିନେତ୍ରୀ ମିତାଲି ବାରିକ ଗୁରୁତର ହୋଇ ଦୁର୍ଘଟଣା ସ୍ଥଳରୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇ କଟକ ଓ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶିକ୍ଷକ ସୁରେଶ ନିଜ ବାଇକରେ ଶିକ୍ଷୟିତ୍ରୀ ସ୍ନେହଲତାଙ୍କୁ ବସାଇ କେନ୍ଦ୍ରାପଡ଼ାରୁ ରାଜକନିକା ଆସୁଥିବା ବେଳେ ରାଜକନିକା ପଟୁ ନିଜ ସ୍କୁଟି ରେ ଡାଏଣିଗିରି ଗାଁ ର ମହେଶ୍ୱର ବାରିକଙ୍କ ଝିଅ ଆଲବମ ଅଭିନେତ୍ରୀ ମିତାଲି ବାରିକ ଘରୁ ବାହାରି ଯାଉଥିବା ବେଳେ ରାଜକନିକା ପଟୁ ତାଙ୍କ ପଛରେ ଯାଉଥିବା ଏକ କାର ତାଙ୍କୁ ପଛରୁ ପିଟି ଦେଇଥିଲା। ଫଳରେ ମିତାଲି ସ୍କୁଟି ସହ ଆଗକୁ ଛିଟିକି ପଡ଼ିଥିବା ବେଳେ ସାମ୍ନା ପଟୁ ବାଇକରେ ଆସୁଥିବା ସୁରେଶ ଙ୍କ ବାଇକକୁ ପିଟି ରାସ୍ତା ତଳକୁ ଛିଟିକି ପଡ଼ିଥିଲେ। ରାସ୍ତା ପାଖରେ ବନବିଭାଗ ପକ୍ଷରୁ ଗଛ ଲଗାଇବା ପାଇଁ କଣ୍ଟାତାର ବାଡ଼ ଦିଆ ଯାଇଥିବାରୁ ସେହି ତାରରେ ଘଷି ହୋଇ ୩ ଜଣଙ୍କ ଗୋଡ଼ ମୁଣ୍ଡ ଛାତି ଆଙ୍ଗୁଳି ଭାଙ୍ଗିବା ସହ ଚିରି ହୋଇଯାଇଛି। ମିତାଲିଙ୍କ ସ୍କୁଟିକୁ ବାଡେଇ କାର ଫେରାର ହୋଇଥିବା ବେଳେ ସୁରେଶ, ସ୍ନେହଲତା ଓ ମିତାଲି କଟକ ଓ ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି। ତେବେ ସୁରେଶଙ୍କ ଗୋଡ଼ ଭାଙ୍ଗିବା, ସ୍ନେହଲତାଙ୍କ ମୁଣ୍ଡରେ ପଛ ପଟ ମାଡ଼ ହେବା, ଆଣ୍ଠୁ ଭାଙ୍ଗିବା ସହ ମିତାଲିଙ୍କ ଗୋଡ଼, କମର, ଛାତି, ଆଙ୍ଗୁଳି ସବୁ ଭାଙ୍ଗିଯାଇଥିବା ଜଣାପଡ଼ିଛି।

### ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ପରେ ଜରାଜୀର୍ଣ୍ଣ

# ଶୁଖିଲା ପଡ଼ିଛି ସ୍ମାର୍ଟ ପୋଖରୀ; ଜଳୁନି ଲାଇଟ୍

ଗରଦପୁର, ୨।୬(ସମିସ)



କେଉଁଠି ଅଧାକାମ ହେଉଛି ତ ଆଉ କେଉଁଠି ଅତି ନିମ୍ନମାନର କାମ କରି ସରକାରୀ ପ୍ରୋଜେକ୍ଟକୁ ବଦନାମ କରୁଛନ୍ତି। ବ୍ଲକ ପରିସରରେ ସୁନ୍ଦରତା ପାଇଁ ୩୫ ଲକ୍ଷରୁ ଉକ୍ଷରୁ ଟଙ୍କାରେ ବ୍ୟୟ ହୋଇଥିବା ସ୍ମାର୍ଟ ପୋଖରୀ ଆଜି ଜରାଜୀର୍ଣ୍ଣ ହୋଇପଡ଼ି ରହିଛି। ଅଧିକାରୀ ପରେ ଅଧିକାରୀଙ୍କ ବଦଳି ହୋଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ଏହା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକର କଥା। ରାଜ୍ୟ ସରକାର ଏହି ବ୍ଲକରେ ବିକାଶ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଥିଲେ ମଧ୍ୟ ଅଧିକାରୀ, ଯନ୍ତ୍ରୀ ଆଉ ଠିକାଦାରଙ୍କ ମିଳିଭଗତରେ ଏହା ଲୁଟ୍ ହେଉଛି। ଗରଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ହୋଇଥିବା ଏକ ପାର୍କକୁ ଦେଖିଲେ ଯେକେହି ଜାଣିପାରିବ। ବିଲ ପରେ ବିଲ ନେଇଯାଇ ଠିକାଦାର ମାଲେମାଲ ହୋଇଥିବାବେଳେ ପାର୍କ ପାଚେରୀ ଭୁଶୁଡ଼ି ପଡ଼ିଲାଣି। ଭଙ୍ଗା ଦଦରା ଆଉ ନିମ୍ନମାନର ସାମଗ୍ରୀ ଲଗାଇ ଏବେ ବିପଦ ସଙ୍କୁଳ ଅବସ୍ଥାରେ ଛଡ଼ାଯାଇଛି। ସେହିପରି ବ୍ଲକ ଭିତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ ହୋଇଥିବାବେଳେ କେବଳ ରଙ୍ଗ ମରାଯାଇ ହରିଲୁଟ ହୋଇଥିବା ଦସ୍ତାବିଜ ହସ୍ତଗତ ହୋଇଛି। ସବୁଠାରୁ ବଡ ଘୋଟାଲା ବ୍ଲକ ପରିସରରେ ନିର୍ମାଣ ହୋଇଥିବା ସ୍ମାର୍ଟ୍ ପୋଖରୀରେ ହୋଇଛି। ଅତି ନିମ୍ନମାନର କାର୍ଯ୍ୟ କରି ୩୫ ଲକ୍ଷରୁ ଉର୍ଦ୍ଧ୍ୱଟଙ୍କା ହରିଲୁଟ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଯେଉଁ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା ସେ ବଦଳି ହୋଇଯିବା ପରେ ନୂତନ ଅଧିକାରୀ ମଧ୍ୟ ସେ କାର୍ଯ୍ୟକୁ ଦୃଷ୍ଟି ଦେଲେନି। ଫଳରେ ଜରାଜୀର୍ଣ୍ଣ ଅବସ୍ଥାରେ ସ୍ମାର୍ଟ ପୋଖରୀ ପଡ଼ିରହିଛି। ଯନ୍ତ୍ରୀଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ ସମସ୍ତେ ଲୁଟି ଖାଇଛନ୍ତି ବୋଲି ଅଭିଯୋଗ ହୋଇଛି। ବ୍ଲକ ପରିସରରେ ସୋନ୍ଦର୍ଯ୍ୟ ବୃଦ୍ଧି କରାଇବା ଆଳରେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ରାଜକୋଷରୁ ଖର୍ଚ୍ଚ କରି ଏକ ଛୋଟ ଖାଲୁଆ ସ୍ଥାନରେ ପୋଖରୀ ନିର୍ମାଣ କରାଯାଇଛି। ହେଲେ ନିର୍ମାଣ ହୋଇଥିବା ପୋଖରୀ କେବଳ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ପାଇଁ ଲାଭ ଦାୟକ ହୋଇଛି। ଗରଦପୁର ବ୍ଲକ ପରିସରରେ ଅନେକ ବର୍ଷ ପୂର୍ବରୁ ଏକ ଛୋଟିଆ ଖାଲ ଥିଲା ସେହି ସ୍ଥାନକୁ ମାଟି ପୋତି ପରିପୂର୍ଣ୍ଣ କରିବା ପରିବର୍ତ୍ତେ ଆହୁରି ଖାଲ ଖୋଳି ତାହାକୁ ଏକ ସ୍ମାର୍ଟ ପୋଖରୀରେ ସାମିଲ୍ କଲା ବ୍ଲକ ପ୍ରଶାସନ। ପ୍ରଶାସନ ନିର୍ମାଣ କରିଥିବା ପୋଖରୀ ଲାଗି ଲକ୍ଷ ଲକ୍ଷ ଟଙ୍କା ମଧ୍ୟଖର୍ଚ୍ଚ କରାଯାଇଛି। ହେଲେ କରାଯାଇଥିବା କାର୍ଯ୍ୟ କେବଳ ଲୋକଦେଖାଣିଆ ବ୍ୟତୀତ ଅନ୍ୟ କୌଣସି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ନୁହେଁ ବୋଲି ଦେଖାଯାଇଛି। ୩ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ପୋଖରୀରେ ଏପର୍ଯ୍ୟନ୍ତ ଟୋପାଏ ପାଣି ରହୁନି କିମ୍ବା ସେହି ପୋଖରୀ ମଧ୍ୟକୁ ପାଣି ଛାଡ଼ିବାର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ଏହା ସହିତ ଚାରି ପାର୍ଶ୍ୱରେ ଲଗାଯାଇଥିବା ଲାଇଟ୍ ଲାଗିବାର କିଛିଦିନ ପରେ ଅକାମୀ ହୋଇପଡ଼ିଥିବା ଦେଖାଯାଇଛି। ନିମ୍ନ ମାନର କଂକ୍ରିଟ ଢଳାଇ ଲାଗି ଏବେ ତାହା ଉପରେ ଘାସ ଲତା ଭର୍ତ୍ତିର୍ ହୋଇଯାଇଛି। ନିର୍ମାଣଧୀନ ପୋଖରୀ ବ୍ଲକ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପରିବର୍ତ୍ତେ ଏବେ ଅଳିଆ ଆବର୍ଜନା ସହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଖୋଦ୍ ବ୍ଲକ ପରିସରରେ ଅଯଥା ସରକାରୀ ଅର୍ଥ ବ୍ୟୟକରି ପୋଖରୀ ଅକାମୀ ହୋଇପଡ଼ିଥିବା ବେଳେ ଅନ୍ୟ ସ୍ଥାନର ଚିତ୍ର କେଉଁଭଳି ଥିବ ସେନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ବିରିଡି, ୨।୬(ସମିସ):** ବିରିଡି ବ୍ଲକ ବୁଢାପଡ଼ା ଗ୍ରାମର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ପରିଜା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଧାନକୁଦ ଜଗନ୍ନାଥ ମନ୍ଦିର ପରିସରରେ ତାଙ୍କ ପାଇଁ ଅବସରକାଳୀନ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଅଷାଢ ସାହିତ୍ୟ ସଂସଦର ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ମୁଖ୍ୟ ଅତିଥି ଭାବେ ବାବା ଅରକ୍ଷୀତ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ କରିଥିଲେ। ଗୋପାଳ ପଟ୍ଟନାୟକ, ବଂଶୀଧର ତ୍ରିପାଠୀ, କେଦାରେଶ୍ୱର ରାଉତଙ୍କ ସଂଯୋଜନାରେ ମୁଖ୍ୟବକ୍ତା ଭାବେ କବି ପରମାନନ୍ଦ ମିଶ୍ର ଯୋଗ ଦେଇଥିଲେ। ବରେଣ୍ୟ ଅତିଥିଭାବେ ଗୀତିକବି ବାବାଜୀ ଚରଣ ଜେନା, ଗୀତିକବି ବାମଦେବ ସ୍ୱାଇଁ, ଡ. ବିଷ୍ଣୁପ୍ରିୟା ଦାସ, କବି ନଗେନ୍ଦ୍ର ନାଥ ସ୍ୱାଇଁ, ଡ. ତୋଫାନ କୁମାର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ପରିଜାଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛବିରାଣୀ ପତି, ଡ. ସୁରେନ୍ଦ୍ରନାଥ ଶତପଥୀ, କନକଲତା ମହାପାତ୍ର, କୁନ୍ତଳା ମହାପାତ୍ର, ଅଜୟ ମହାନ୍ତି, ନାରାୟଣ ଭୋଳ, ବନମାଳୀ ବେହେରା, ପ୍ରତାପ ଚନ୍ଦ୍ର ବେହେରା, ପରୀକ୍ଷିତ ମହାନ୍ତି, ଚୈତନ୍ୟ ରାଉତ, ଅଜୟ ବେହେରା, ଖଗେଶ୍ୱର ମହାରଣା, ନାଗୁ ଚରଣ ଦେବତା, ପତିତପାବନ ଜେନା ପ୍ରମୁଖ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ଶ୍ରୀମତୀ ପରିଜା ଏକାଧାରରେ ଜଣେ ସୁ ଲେଖିକା, ସୁ-ସାହିତ୍ୟିକା ଏବଂ ସ୍ୱନାମଧନ୍ୟ କବି ଭାବେ ଅନେକ କବିତା ରଚନା କରି ନିଜର ଗରିମାକୁ କୁସୁମିତ କରିଛନ୍ତି। ସେ ୧୯୮୮ ମସିହାରେ ପ୍ରଥମେ ଯାଜପୁର ଜିଲା ପାଟ ବଲହବପୁର ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଶିକ୍ଷାଦାନ ଆରମ୍ଭ କରି ବୁଢାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି।

# ପୁରାତନ ଛାତ୍ର ସଂଘର ନୂତନ କର୍ମକର୍ତ୍ତା

**ପଟ୍ଟାମୁଣ୍ଡାଇ, ୨।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକର ବହୁ ପୁରାତନ ମଦନପୁର ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ ମଦନପୁରର ଛାତ୍ର ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି। ବିଦ୍ୟାଳୟର ପୁରାତନ ବହୁ ଛାତ୍ରଛାତ୍ରୀ ଏହି ବୈଠକରେ ଯୋଗଦେଇ ସର୍ବସମ୍ମତିକ୍ରମେ ଅଜିତ୍ କୁମାର ବେହୁରାଙ୍କୁ ସଭାପତି, ସମ୍ପାଦକ ଭାବରେ କଥାକାର ପ୍ରଦୀପ ନାୟକଙ୍କୁ ବାଛିଛନ୍ତି। ବିଦାୟୀ ଛାତ୍ର ସଂଘର ସଭାପତି ସର୍ବେଶ୍ୱର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଉପସଭାପତି ଭାବରେ ଆଦିକନ୍ଦ କୁଣ୍ଡ, ସହସମ୍ପାଦକ ସୁଶାନ୍ତ କୁମାର ଦାଶ, ପ୍ରସନ୍ନ କୁମାର ନାଥ ଏବଂ ଅଧ୍ୟାପକ ଅଭିମନ୍ୟୁ ରାଉତଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନୟନ କରାଯାଇଛି। ବୈଠକରେ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାର ଫଳାଫଳ ବିଷୟରେ ଆଲୋଚନା କରାଯାଇ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଷୟରେ ନୂତନ କର୍ମକର୍ତ୍ତାମାନେ ନିଜନିଜର ମତ ଦେଇଥିଲେ। ଶିବ ପ୍ରସାଦ ବେହେରା, ରବୀନ୍ଦ୍ର ପରିଡ଼ା, ଦିଲ୍ଲୀପ କୁମାର ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ନଳିନୀ ନାଥ, ଦାମୋଦର ସ୍ୱାଇଁ, ଶୁଭସ୍ମିତା ବେହେରା, ଦିଲ୍ଲୀପ ପ୍ରଧାନ, ଆଶିଷ ରାଉଳ ଆଦି ବହୁ ପୁରାତନ ଛାତ୍ର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୁନର୍ବାର ନୂତନ ସମ୍ପାଦକ ଭାବରେ ମନୋନୀତ ହୋଇଥିବାରୁ ପ୍ରଦୀପ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସ୍ୱତନ୍ତ୍ର ମହିଳା ଓ ଶିଶୁ ଥେରାପି କକ୍ଷର ଲୋକାର୍ପଣ



**କେନ୍ଦ୍ରାପଡ଼ା, ୨।୬(ସମିସ):** ଥେରାପି ସେବା ଓ ଭିନ୍ନକ୍ଷମଙ୍କ ସହାୟତା କ୍ଷେତ୍ରରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ କେନ୍ଦ୍ରାପଡ଼ା ଜିଲ୍ଲାର ସକ୍ରିୟ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏକ ସ୍ୱତନ୍ତ୍ର ମହିଳା ଓ ଶିଶୁ ଥେରାପି କକ୍ଷ ମାଧପୁରସ୍ଥିତ ଥେରାପି କେନ୍ଦ୍ରଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାର ସୁନାମଧନ୍ୟ ଚିକିତ୍ସକ ଡଃ ବିଶ୍ୱ ପ୍ରକାଶ କାନୁନଗୋ ଓ ଡଃ ସ୍ନେହଲତା କାନୁନଗୋ ଯୋଗ ଦେଇ ଏହି କକ୍ଷର ଶୁଭ ଲୋକାର୍ପଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ଡକ୍ଟର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଅଧୀକାରିଣୀ ପୁଷ୍ପାଞ୍ଜଳି ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଦଶ ନମ୍ବର ୱାର୍ଡ଼ କାଉନସିଲର ରଶ୍ମିତା ସିଂ, କବୟିତ୍ରୀ ନବଜ୍ୟୋତି ରାୟ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର କକ୍ଷ ମହିଳାମାନଙ୍କୁ ସଂକୋଚମୁକ୍ତ ଓ ନିରାପଦ ଥେରାପି ସେବା ପ୍ରଦାନରେ ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି କକ୍ଷଟିରେ ଅତ୍ୟାଧୁନିକ ଥେରାପି ସେବାର ସମସ୍ତ ସୁବିଧା ଉପଲବ୍ଧ ସହିତ ଜଣେ ମହିଳା ସହାୟିକା ନିୟୋଜିତ ରହିଛନ୍ତି ବୋଲି ଉପ ସଭାପତି ଜ୍ୟୋତିରଞ୍ଜନ ନାୟକ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସହସମ୍ପାଦକ ବଂଶୀଧର ମହାନ୍ତି, କାଉନସିଲର ସଞ୍ଜୀବ ଜେନା, ମହମ୍ମଦ ଜାହିଦା ଖାଁ, ଶେଷଦେବ ଦାସ ଓ ପୁନର୍ବାସର ସମସ୍ତ ଥେରାପିଷ୍ଟ ଏବଂ ସମସ୍ତ କର୍ମଚାରୀ ଗଣ ସହଯୋଗ କରିଥିଲେ।

# ପଣ୍ୟ କାରବାରରେ ପାରାଦୀପ ବନ୍ଦରର ଉଲ୍ଲେଖନୀୟ ସଫଳତା

ପାରାଦୀପ, ୨।୬(ସମିସ)

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଏମ୍.ଭି. ଏମ୍‌ଏସ୍‌ସି ଜୁଆନିଟା ଏଫ ଜାହାଜରେ ବି-ଓାନ୍ କଣ୍ଟେନର ସଫଳତାର ସହିତ ବୋଝେଇ କରାଯାଇଛି। ପ୍ରଥମ ଥର ପାଇଁ ଏକ୍‌ଜିମ୍ ଫିଡର ଦ୍ୱାରା ପରୀକ୍ଷଣ ହେବା ପରେ ଏହି କଣ୍ଟେନରକୁ ଏମ୍.ଭି. ଏମ୍‌ଏସସି ଜୁଆନିଟା ଏଫ ଜାହାଜରେ ବୋଝେଇ କରାଯାଇଥିବା ନେଇ ପାରାଦୀପ ବନ୍ଦର ପକ୍ଷରୁ ସୂଚନା ମିଳିଛି। ଶନିବାର ଦିନ ଏହି ଉଲ୍ଲେଖନୀୟ ସଫଳତା ପାରାଦୀପ ବନ୍ଦର ହାସଲ କରିଛି। ଆଗାମୀ ଦିନରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଏହି ସଫଳତା ସହାୟକ ହେବ। ସେହିପରି ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପାରାଦୀପ ବନ୍ଦରରେ ୨୫.୪୪ ଏମ୍‌ଏମଟି ପଣ୍ୟ କାରବାର ହୋଇଛି। ପାରାଦୀପ ବନ୍ଦର ଇତିହାସରେ ଏହା ପ୍ରଥମ ଘଟଣା ଏବଂ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି ପାରାଦୀପ ବନ୍ଦର।



ଏହି ସଫଳତା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ଆଗାମୀ ଦିନରେ ପାରାଦୀପ ବନ୍ଦରକୁ ତାର ଲକ୍ଷ୍ୟରେ ପହଞ୍ଚାଇବାରେ ସହଯୋଗ ଦେବାକୁ ନିବେଦନ କରିଛନ୍ତି।



# ରାଜକନିକାରେ ବଢୁଛି ନିର୍ବାଚନ ପରବର୍ତ୍ତୀ ହିଂସା



**ରାଜକନିକା, ୨।୬(ସମିସ):** କାଁ ଭାଁ ଗଣ୍ଡଗୋଳକୁ ଛାଡିଦେଲେ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବା ବେଳେ ଆଜି ରାଜକନିକାରେ ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ମାଡିପିଟ ହୋଇ ୬ ଆହତ ହୋଇଛନ୍ତି। ଏଡି ଘଟଣାକୁ କେନ୍ଦ୍ର କରି ରାଜକନିକା ଅଶାନ୍ତ ହୋଇଛି। ଅପରାହ୍ନ ୫ଟାରୁ ଅଶୋକ ବଜାରରେ ପୁଲିସ ଛାଉଣୀ ହୋଇଛି। ମିଳିଥିବା ଖବର ମୁତାବକ ନିର୍ବାଚନ ସରିବା ପରେ ବରୁଣା ଗାଁ ର ଜଣେ ବ୍ୟକ୍ତିକୁ ମାଡ଼ ମାରି ଉଠାଇ ନେବା ଘଟଣାରେ ଥାନାକୁ ଆସିଥିବା ବେଳେ ସେଠାରେ ଏତଲା ଦେଇ ନ ପାରିବା ଘଟଣାରେ ଉତ୍ତେଜନା ଦେଖା ଦେଇଥିଲା। ଉଭୟ ଗୋଷ୍ଠୀର ସଙ୍ଘର୍ଷ ଓ ମାଡିପିଟ ପରେ ଦୁଇ ପକ୍ଷର ୬ ଜଣ ଆହତ ହୋଇଥିବା ଜଣାପଡ଼ିଛି। ତେବେ ପୁଲିସ ପକ୍ଷରୁ ସେମିତି କିଛି ସମାଧାନ ନ ଥିବାରୁ ଏହି ଘଟଣା ବଢ଼ିଚାଲିଥିବା ଜଣାପଡ଼ିଛି। ଭୋଟ ଦାନ ବେଳେ ଉପୁଜି ଥିବା ବିଭିନ୍ନ ସମସ୍ୟାକୁ ଆୟତ କରିବରେ ଅସମର୍ଥ ପୁଲିସ ଯୋଗୁ ଏଭଳି ଘଟଣା ଘଟିଛି ବୋଲି ବ୍ଲକ କଂଗ୍ରେସ ଅଭିଯୋଗ କରୁଛି। ରାଜକନିକାରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାରେ ଏସପି ସ୍ୱତନ୍ତ୍ର ନଜର ଦେବାକୁ ଦାବୀ ହୋଇଛି।

